**ସେନ୍‌ସେକ୍ସରେ ୨୫୭ ପଏଣ୍ଟ ବୃଦ୍ଧି**

**ନୂଆଦିଲ୍ଲୀ:** କ୍ରମାଗତ ୨ ଦିନ ଧରି ହ୍ରାସ ପାଉଥିବା ବଜାର ମଙ୍ଗଳବାର ଭଲ ଫଳାଫଳ ସହ ସବୁଜ ରଙ୍ଗରେ ବନ୍ଦ ହୋଇଥିବା ଜଣାପଡ଼ିଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ କିଛି ମାତ୍ରାରେ ଲାଭବାନ୍ ହୋଇଛନ୍ତି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧% ଶେୟାର ବୃଦ୍ଧି ପାଇଛି। ମଙ୍ଗଳବାର ସେନ୍‌ସେକ୍ସ ୨୫୭ (୨୫୭.୪୩) ପଏଣ୍ଟ ବଢ଼ି ୫୯,୦୩୧ (୫୯,୦୩୧.୩୦) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୮୭ (୮୬.୮୦) ପଏଣ୍ଟ ବୃଦ୍ଧି ଘଟି ୧୭,୫୭୭ (୧୭,୫୭୭.୫୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# 'ମାଇଁ ହୋମ୍'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

**ଭୁବନେଶ୍ୱର,୨୩।୮:** ଦେଶର ପ୍ରମୁଖ ବାସୋପଯୋଗୀ ସାମାଧନଭିତ୍ତିକ ଘରୋଇ ସଂସ୍ଥା ସେଣ୍ଟ-ଗୋବାଇନ ପକ୍ଷରୁ ଭୁବନେଶ୍ୱରରେ ତା'ର ପ୍ରଥମ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍‌ର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଗୋଟିଏ ଛାତ ତଳେ ସହରବାସୀଙ୍କୁ ଏକ ସୁଲଭ ଓ ଗୁଣାତ୍ମକ ସେବା ଯୋଗାଇବା ଲକ୍ଷ୍ୟରେ ସୋମବାର ସ୍ଥାନୀୟ ପଟିଆ ରଘୁନାଥପୁରସ୍ଥିତ ଗାଲାକ୍ସି ମଲ୍‌ଠାରେ ଏହାର ଉଦ୍‌ଘାଟନ ହୋଇଯାଇଛି। ଏ ସମ୍ପର୍କରେ ସେଣ୍ଟ-ଗୋବାଇନ ଇଣ୍ଡିଆ ପିଭି ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହେମନ୍ତ ଖୁରାନା କହିଛନ୍ତି, ଭୁବନେଶ୍ୱରରେ ଏକ୍ସକ୍ଲୁସିଭ ମାଇଁ ହୋମ୍ ଶୋ'ରୁମ୍ ଶୁଭାରମ୍ଭ କରି ମୁଁ ଖୁସି। ସହରରେ କାରବାର ବଢ଼ିବାରେ ଲାଗିଛି। ଏହା ଏକ ଆଶାଜନକ ବଜାର ପାଲଟିଛି। ଆମେ ଏହି ବଜାର ପାଇଁ ଆମର ସମାଧାନ ପ୍ରଦାନ କରିବାକୁ ଅପେକ୍ଷା କରିଛୁ। ଭୁବନେଶ୍ୱରର ଏହି ଷ୍ଟୋର ବଢ଼ୁଥିବା ବଜାର ପ୍ରତି ଆମର ପ୍ରତିବଦ୍ଧତା ଏବଂ ଘର ମାଲିକମାନଙ୍କ ପାଇଁ ଗୋଟିଏ ଛାତ ତଳେ ଆମର ସମାଧାନର ଅନୁଭୂତି ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ। ଘର ମାଲିକମାନେ ଆମର ଏଣ୍ଡ-ଟୁ-କଷ୍ଟୋମାଇଜ ଅଫର ଦ୍ୱାରା ଉପକୃତ ହେବେ। ମାଇଁ ହୋମ୍ ଷ୍ଟୋର୍ ଏବଂ ଲୋକପ୍ରିୟ ମାଇଁ ହୋମ୍ ୱେବ୍‌ସାଇଟର ମିଶ୍ରଣ ମାଧ୍ୟମରେ ଆମେ ଆମର ଗ୍ରାହକମାନଙ୍କୁ ଏକ ଫିଜିଟାଲ ଅଭିଜ୍ଞତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ସେହିଭଳି ଷ୍ଟୋର ମାଲିକ ଶରଦ ପୃଷ୍ଟି କହିଛନ୍ତି, ଭୁବନେଶ୍ୱର ନାଗରିକଙ୍କ ପାଇଁ ଏକ ଉତ୍ତମ ଜୀବନଶୈଳୀ ଯୋଗାଇବା ପାଇଁ ଆମେ ସର୍ବଦା ପ୍ରତିଶ୍ରୁତିବଦ୍ଧ। ସହରରେ ସମ୍ପ୍ରତି ଆବାସିକ ରିଅଲ ଇଷ୍ଟେଟ ବିକାଶ କ୍ଷେତ୍ରରେ ଭଲ ଘର ପାଇଁ ଗ୍ରାହକଙ୍କ ଖର୍ଚ୍ଚକୁ ବୃଦ୍ଧି କରିଛି। ଘର ପାଇଁ ଗ୍ରାହକ ଖର୍ଚ୍ଚ କରିବାକୁ ଚାହୁଁଛନ୍ତି। ସେମାନେ କ୍ରମାଗତ ଭାବରେ ବିଶ୍ୱସ୍ତ ବ୍ରାଣ୍ଡରୁ ଘରୋଇ ସମାଧାନ ପାଇଁ ସଜାଗ ରହିଥାନ୍ତି, ଯାହା ସେମାନଙ୍କୁ ଘରର ଗୁଣବତ୍ତାକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ। ମାଇଁ ହୋମ୍ ଶୋ'ରୁମ୍ ଶୁଭାରମ୍ଭ ଗ୍ରାହକଙ୍କ ଏହି ଆବଶ୍ୟକତାକୁ ଏକ ଉପଯୋଗୀ ଉତ୍ପାଦ ଏବଂ ସମାଧାନ ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି ଯାହା ସେମାନଙ୍କର ବାସସ୍ଥାନର ମୂଳଦୁଆ ପକାଇବାରେ ଅସୁବିଧାମୁକ୍ତ ଅଭିଜ୍ଞତାକୁ ନିଶ୍ଚିତ କରିବ। ସେହିପରି ଷ୍ଟୋରର ଅନ୍ୟତମ ମାଲିକ ପ୍ରିୟଙ୍କା ସାହୁ କହିଛନ୍ତି, ଆମେ ଆଶା କରୁଛୁ ଯେ ଭୁବନେଶ୍ୱରରେ ମାଇଁ ହୋମ୍ ଶୋ'ରୁମ୍ ଶୁଭାରମ୍ଭ ଗ୍ରାହକମାନଙ୍କ ପାଇଁ ଗୁଣାତ୍ମକ ଘରୋଇ ସମାଧାନ ଯୋଗାଇବାକୁ ସହଜ କରିବ। ଆମ ସହରରେ ହୋମ୍ ସଲ୍ୟୁଶନ ଇଣ୍ଡଷ୍ଟ୍ରି ଖରାପ ସ୍ଥିତିରେ ରହିଛି। ଆମେ ଚାହୁଁ ଯେ ବ୍ରାଣ୍ଡ ମାଇଁ ହୋମ୍ ସେମାନଙ୍କ ଘର ସଜାଇବା ବିଷୟରେ ଚିନ୍ତା କରିବା ସମୟରେ ପ୍ରଥମ ସ୍ଥାନ ଅଧିକାର କରୁ। ସେଣ୍ଟ-ଗୋବାଇନ ଇଣ୍ଡିଆକୁ ଯଥା ସମ୍ଭବ ଗ୍ରାହକଙ୍କ ପାଖରେ ପହଞ୍ଚାଇବାରେ ଏହି ଶୁଭାରମ୍ଭ ଗୁରୁତ୍ୱପୂର୍ଣ୍ଣ। ଆମେ ହଜାର ହଜାର ନୂତନ ଘର ଡିଜାଇନ କରିବାର ସୁଯୋଗକୁ ଅପେକ୍ଷା କରିଛୁ।



## ଧୀରେ ଧୀରେ କମିବ ମୁଦ୍ରାସ୍ଫୀତି


ଶକ୍ତିକାନ୍ତ ଦାସ

**ନୂଆଦିଲ୍ଲୀ,୨୩।୮:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଗଭର୍ନର ଶକ୍ତିକାନ୍ତ ଦାସ ମଙ୍ଗଳବାର ମୁଦ୍ରାସ୍ଫୀତିକୁ ନେଇ ଉଭୟ ଆରବିଆଇ ଏବଂ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ମତ ରଖି କହିଛନ୍ତି, ବର୍ତ୍ତମାନ ସମୟରେ ଉପରମୁହାଁ ହୋଇ ରହିଥିବା ମୁଦ୍ରାସ୍ଫୀତକୁ ଧୀରେ ଧୀରେ ୪%କୁ ହ୍ରାସ କରାଇବା ଦିଗରେ କେନ୍ଦ୍ରୀୟ ବ୍ୟାଙ୍କ କାର୍ଯ୍ୟ କରୁଛି। ଏପରିକି କେନ୍ଦ୍ରୀୟ ବ୍ୟାଙ୍କ ବର୍ତ୍ତମାନ ପ୍ରତ୍ୟେକ ତଥ୍ୟ ଉପରେ ନଜର ରଖିବା ସହ ଆସନ୍ତା ୨ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ ରଖିବା ପାଇଁ ଆରବିଆଇ ଲକ୍ଷ୍ୟ ରଖିଛି। ସେହିଭଳି ଗତ ୪ ମାସରେ ଆରବିଆଇ ୩ ଥର ରେପୋ ହାରରେ ସୁଧାର ଆଣିଥିବା ବେଳେ ଅର୍ଥନୀତି ଉପରେ ମଧ୍ୟ କାର୍ଯ୍ୟ କରୁଛି ବୋଲି ଶକ୍ତିକାନ୍ତ ମତବ୍ୟକ୍ତ କରିଛନ୍ତି।

## ରେପୋସ ପେ'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୩।୮**



ଦେଶର ପ୍ରମୁଖ ଡୋର୍‌ଷ୍ଟେପ୍ ଇନ୍ଧନ ବିତରଣ ଉଦ୍ୟୋଗ ରେପୋସର ଫିନ୍‌ଟେକ ଆର୍ମ ରେପୋସ ପେ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବୈଷୟିକ ଉପକରଣ ଡାଟୁମ ମାଧ୍ୟମରେ ଶକ୍ତି ବଣ୍ଟନକୁ ବୈପ୍ଳବିକ କରିବା ପାଇଁ ଏହା ବିଶେଷ ଭାବେ କାମ କରିବ। ନିକଟରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନାରାୟଣ ରାଣେ ମୁମ୍ବାଇଠାରେ ଏହାକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ କମ୍ପାନୀ ୨୦୦୦ରୁ ଅଧିକ ସହଭାଗୀ ଏବଂ ଦେଶର ୨୨୦ରୁ ଅଧିକ ସହରରେ ଉପଲବ୍ଧ ରହିଛି। ସେହିଭଳି ଭୁବନେଶ୍ୱରରେ ମଧ୍ୟ ଉକ୍ତ ସେବା ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏହା ସବୁ ପ୍ରକାର ଇନ୍ଧନ-ତରଳ, ଗ୍ୟାସ୍ ବା ଇଲେକ୍ଟ୍ରିକ ମୋବାଇଲ ଶକ୍ତି ବଣ୍ଟନ ମାଧ୍ୟମରେ ଆଇଓଟି ଟେକ୍‌ନୋଲୋଜି ରେପୋସ ମୋବାଇଲ ଇନ୍ଧନ ପମ୍ପ ଭଳି ସ୍ୱତନ୍ତ୍ର ଯାନ ମାଧ୍ୟମରେ ଉପଲବ୍ଧ କରାଇବାକୁ ଚାହୁଁଛି। ମୋବାଇଲ ଶକ୍ତି ବିତରଣରେ ଏହାର ଉଦ୍ଭାବନ ପାଇଁ ଏହାକୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରାଷ୍ଟ୍ରୀୟ ଷ୍ଟାର୍ଟଅପ୍ ପୁରସ୍କାର ୨୦୨୧ ପ୍ରଦାନ କରାଯାଇଥିଲା। ଭାରତର ଛୋଟ ସହରଗୁଡ଼ିକ ଭାରତର ଷ୍ଟାର୍ଟଅପ୍ କାହାଣୀର ପରବର୍ତ୍ତୀ ଅଧ୍ୟାୟ ରଚନା କରିବେ ଓ ରେପୋସ ଏହି ଲଞ୍ଚ ମାଧ୍ୟମରେ ଏହି ଗତିକୁ ତ୍ୱରାନ୍ୱିତ କରିବ। ଆମ ପକ୍ଷରୁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯାଇଛି ବୋଲି କମ୍ପାନୀର ସହ ପ୍ରତିଷ୍ଠାତା ତଥା ମୁଖ୍ୟ ଫିନ୍‌ଟେକ ଅଧିକାରୀ ରେପୋସ, ଅପରାଜିତ ଶୁଭ୍ରମନ୍ୟମ୍ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ସହରରେ ରେପୋସ ପେ ଜରିଆରେ ଅଣ ବ୍ୟାଙ୍କିଙ୍ଗ୍ ଓ ବଞ୍ଚିତ ବର୍ଗଙ୍କ ପାଇଁ ବୈଷୟିକ ପରିଚାଳିତ ଆର୍ଥିକ ଦ୍ରବ୍ୟର ସୁଗମତାକୁ ଡିଜାଇନ ଓ ପରିଚାଳିତ କରିବା ପାଇଁ ଏକ ଆନ୍ତରିକ ପ୍ରୟାସ ବୋଲି ରେପୋସର ପ୍ରତିଷ୍ଠାତା ତଥା ସିଇଓ ଚେତନ ୱାଲୁଞ୍ଜ କହିଛନ୍ତି। ୨୦୧୭ରେ ଏହାର ଆରମ୍ଭ ହେବା ପରଠାରୁ ରେପୋସ ଇ-ବାଣିଜ୍ୟ ଶକ୍ତି ପ୍ରତିଷ୍ଠା ସହ ବିଶ୍ୱକୁ ଏକ କାର୍ବନ ନିରପେକ୍ଷ ଭବିଷ୍ୟତ ଆଡ଼କୁ ଗତି କରିବାରେ ସାହାଯ୍ୟ କରି ଆସିଛି।

## ଟ୍ରେଣ୍ଡ୍‌ସ ପକ୍ଷରୁ ଗଣେଶପୂଜା ସ୍ୱତନ୍ତ୍ର ଅଫର

**ଭୁବନେଶ୍ୱର,୨୩।୮**

ରିଲାଏନ୍ସ ରିଟେଲର ପ୍ରମୁଖ ସଂସ୍ଥା 'ଟ୍ରେଣ୍ଡ୍‌ସ' ପକ୍ଷରୁ ଚଳିତ ବର୍ଷର ଗଣେଶପୂଜା ଉପଲକ୍ଷେ ସ୍ୱତନ୍ତ୍ର ଅଫର ଓ ଟ୍ରେଣ୍ଡସ୍ ସ୍ୱାଗତମ୍ ଶ୍ରୀଗଣେଶ ପ୍ରତିଯୋଗିତା ବିଷୟରେ ମଧ୍ୟ ଘୋଷଣା କରାଯାଇଛି। ବିଶେଷକରି ଗଣେଶପୂଜାକୁ ଅଧିକ ଆକର୍ଷଣୀୟ କରିବା ଓ ଗ୍ରାହକଙ୍କୁ ଶପିଂ ଉପରେ ଉନ୍ନତ ଅନୁଭୂତି ଦେବା ଲାଗି ଏହି ସ୍ୱତନ୍ତ୍ର ଅଫର ଅଧୀନରେ ଗ୍ରାହକମାନେ ୩୪୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ଶପିଂ କଲେ ୧୯୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ଓ ୩୦୦୦ଟଙ୍କା ମୂଲ୍ୟର ଏକ କୁପନ ପାଇପାରିବେ। ସେହିଭଳି ଏହି ସ୍ୱତନ୍ତ୍ର ଅଫର ସହ ଟ୍ରେଣ୍ଡ୍‌ସ ସ୍ୱାଗତମ୍ ଶ୍ରୀଗଣେଶ ପ୍ରତିଯୋଗିତା ମଧ୍ୟ ଘୋଷଣା କରାଯାଇଛି।

**ସ୍ୱାଗତମ୍ ଶ୍ରୀଗଣେଶ ପ୍ରତିଯୋଗିତା ଘୋଷଣା**

ଏଥିରେ ଗ୍ରାହକମାନେ ପ୍ରଭୁ ଗଣେଶଙ୍କ ଏକ ଛବି ଆଙ୍କି ଆମ ସହ ଶେୟାର କରିପାରିବେ କିମ୍ବା ପ୍ରଭୁ ଗଣେଶଙ୍କ ସହ ସେଲ୍‌ଫି ନେଇ ତାହା ମଧ୍ୟ ଆମ ପାଖକୁ ପଠାଇପାରିବେ। ଏପରିକି ଗ୍ରାହକମାନେ ୮୯୦୮୦୨୦୧୦୪ ହ୍ୱାଟ୍ସଆପ୍ ନମ୍ବରରେ ମଧ୍ୟ ବିସ୍ତୃତ ଭାବେ ପଠାଇପାରିବେ କିମ୍ବା ସଂସ୍ଥାର ୱେବ୍‌ସାଇଟ ମାଧ୍ୟମରେ ମଧ୍ୟ ସେମାନଙ୍କ ଛବି କିମ୍ବା ସେଲ୍‌ଫିକୁ ଅପ୍‌ଲୋଡ୍ କରିବା ସହ ପ୍ରତିଯୋଗିତା ସମ୍ପର୍କରେ ଅଧିକ ବିବରଣୀ ମଧ୍ୟ ପାଇପାରିବେ। ସେହିଭଳି ଗ୍ରାହକ ଆଙ୍କିଥିବା ଗଣେଶଙ୍କ ଛବି କିମ୍ବା ସେଲ୍‌ଫିକୁ ନିଜ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ମଧ୍ୟ ପୋଷ୍ଟ କରି ସଂସ୍ଥାକୁ ଟ୍ୟାଗ୍ କରି ପୋଷ୍ଟ କରିପାରିବେ।

## ନରାକାସର ୫୨ତମ ଅର୍ଦ୍ଧବାର୍ଷିକ ବୈଠକ



**ଭୁବନେଶ୍ୱର,୨୩।୮**

ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ନରାକାସ)ର ବା ବ୍ୟାଙ୍କ ଭୁବନେଶ୍ୱରର ୫୨ତମ ଅର୍ଦ୍ଧବାର୍ଷିକ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନରାକାସ ଅଧ୍ୟକ୍ଷ ଚନ୍ଦ୍ରଶେଖର ଶର୍ମା ଏବଂ ମୁଖ୍ୟ ମହାପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ହୋଇଥିଲା। ଏପରିକି ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ରାଜଭାଷା ବିଭାଗର ପ୍ରତିନିଧି ନିର୍ମଳ କୁମାର ଦୁବେ, ସହାୟକ ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ)ଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ହୃଦାନନ୍ଦ ପଣ୍ଡା, କ୍ଷେତ୍ରୀୟ ନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସି. ଉଦୟ ଭାସ୍କର, ମୁଖ୍ୟ ମହାପ୍ରବନ୍ଧକ, ନାବାର୍ଡ, ମନୋଜ କୁମାର ସିଂହ, ଉପାଧ୍ୟକ୍ଷ ଏବଂ ମଣ୍ଡଳ ବିକାଶ ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ତଥା ଭୁବନେଶ୍ୱର ସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀର ଉପ ମହାପ୍ରବନ୍ଧକ, ବରିଷ୍ଠ କାର୍ଯ୍ୟପାଳକ ଏବଂ ରାଜଭାଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନୋଜ କୁମାର ସିଂହ ସମସ୍ତ ସଦସ୍ୟଙ୍କୁ ସେମାନଙ୍କର ସକ୍ରିୟ ସହଯୋଗ ପାଇଁ ଧନ୍ୟବାଦ ଜଣାଇବା ସହ ଆଜାଦୀର ଅମୃତ ମହୋତ୍ସବ ପରି ଆଗାମୀ ସେପ୍ଟେମ୍ବରରେ ହିନ୍ଦୀର ଅମୃତ ମହୋତ୍ସବ ମନାଇବା ପାଇଁ ଅନୁରୋଧ କରିଥିଲେ।

## ଭାରତ ମସଲା ପକ୍ଷରୁ ରିଲିଫ ବଣ୍ଟନ

**ଭୁବନେଶ୍ୱର,୨୩।୮**

ରାଜ୍ୟର ପ୍ରମୁଖ ଜିଲାର ବିଭିନ୍ନ ବ୍ଲକ ଚଳିତ ବନ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ତ୍ତମାନ ମଧ୍ୟ ସ୍ଥିତିରେ ସୁଧାର ଆସିନାହିଁ। ବନ୍ୟାପାଣି ବିପଦ ସଙ୍କେତ ତଳେ ଥିଲାବେଳେ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନଜରରେ ରଖି ଭାରତ ମସଲା ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି। ବିଶେଷକରି ବାଙ୍କୀ,ନିମାପଡ଼ା ଓ ଗୋଡ଼ା ଅଞ୍ଚଳର ୩୦୦୦ରୁ ଅଧିକ ବନ୍ୟା ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଥିଲା। ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ନିମାପଡ଼ା ଓ ଗୋଡ଼ା ଅଞ୍ଚଳରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସିଂ, ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଓ ଭାରତ ମସଲାର କର୍ମଚାରୀ ଉପସ୍ଥିତ ରହି ରିଲିଫ ବଣ୍ଟନ କାର୍ଯ୍ୟ ପରିଚାଳନା କରିଥିଲେ। ସେହିଭଳି ବାଙ୍କୀରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଏବଂ ଭାରତ ମସଲା କର୍ମଚାରୀ ଏବଂ ଅଞ୍ଚଳବାସୀ ରିଲିଫ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ଦୀର୍ଘ ୧୯ ବର୍ଷ ଧରି ବନ୍ୟା, ବାତ୍ୟା କିମ୍ବା ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭାରତ ମସଲା ସର୍ବଦା ଓଡ଼ିଶାବାସୀଙ୍କୁ ସହାୟତାର ହାତ ବଢ଼ାଇଛି ଏବଂ ଉକ୍ତ ପ୍ରଚେଷ୍ଟା ଆଗାମୀ ଦିନରେ ଜାରି ରହିବ ବୋଲି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି।

**ଫୁର୍‌ସତ୍**

# ବ୍ରାଜିଲ ଆସିଲା ସମ୍ରାଟ ପେଡ୍ରୋଙ୍କ ହୃତ୍‌ପିଣ୍ଡ

**ବ୍ରାସିଲିଆ:** ପର୍ତ୍ତୁଗାଲଠାରୁ ବ୍ରାଜିଲ୍ ସ୍ୱାଧୀନ ହେବାର ୨୦୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆୟୋଜିତ ହେବାକୁ ଥିବା ସମାରୋହରେ ବ୍ରାଜିଲ ସମ୍ରାଟ ଡୋମ୍ ପେଡ୍ରୋ ପ୍ରଥମଙ୍କ ହୃତ୍‌ପିଣ୍ଡ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା କରାଯାଇଛି। ପେଡ୍ରୋଙ୍କ ହୃତ୍‌ପିଣ୍ଡ ପର୍ତ୍ତୁଗାଲ୍‌ର ପୋରଟୋରୁ ବ୍ରାଜିଲ ଅଣାଯାଇଥିବାବେଳେ ଏହାକୁ ଏକ ସୁନାର ଅସ୍ଥି କଳସରେ ରଖାଯାଇଛି। ୧୮୩୪ରେ ଯେତେବେଳେ ପେଡ୍ରୋଙ୍କୁ ମାତ୍ର ୩୫ ବର୍ଷ ବୟସ ହୋଇଥିଲା ସେତେବେଳେ ଟିବିରେ ଆକ୍ରାନ୍ତ ହେବା କାରଣରୁ ତାଙ୍କ ମୃତ୍ୟୁ ହୋଇଥିଲା। ପର୍ତ୍ତୁଗାଲ୍‌ର ପୋରଟୋ ଚର୍ଚ୍ଚରେ ତାଙ୍କ ହାର୍ଟ ରଖାଯିବା ପେଡ୍ରୋଙ୍କ ଶେଷ ଇଚ୍ଛା ଥିଲା। ୧୯୭୨ରେ ବ୍ରାଜିଲ ନିଜର ୧୫୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସମ୍ରାଟ ପେଡ୍ରୋଙ୍କ ଶରୀର ଅବଶେଷ ପର୍ତ୍ତୁଗାଲ୍ ସରକାର ବ୍ରାଜିଲ୍‌କୁ ହସ୍ତାନ୍ତର କରିଥିଲେ। ଏହାକୁ ରାସାୟନିକ ପ୍ରଲେପ ଦେଇ ସାଓ ପାଉଲୋରେ ସଂରକ୍ଷିତ ଭାବେ ରଖାଯାଇଛି। ୧୮୨୨ରେ ବ୍ରାଜିଲ୍‌କୁ ପର୍ତ୍ତୁଗାଲଠାରୁ ସ୍ୱାଧୀନ ଘୋଷଣା କରିଥିଲେ ସମ୍ରାଟ ପେଡ୍ରୋ।

ତିନି ସପ୍ତାହ ପାଇଁ ଏହି ହାର୍ଟକୁ ପର୍ତ୍ତୁଗାଲ ସରକାର ବ୍ରାଜିଲ୍‌କୁ ହସ୍ତାନ୍ତର କରିଛନ୍ତି। ହୃତ୍‌ପିଣ୍ଡକୁ ଆଣିବା ପାଇଁ ବ୍ରାଜିଲ୍ ବାୟୁସେନାର ସ୍ୱତନ୍ତ୍ର ଟିମ୍ ବ୍ରାସିଲିଆରେ ପହଞ୍ଚିଥିଲା। ସେଠାରେ ପେଡ୍ରୋଙ୍କ ହୃତ୍‌ପିଣ୍ଡକୁ ବ୍ରାଜିଲ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ସେପ୍ଟେମ୍ବର ୭ରେ ବ୍ରାଜିଲ୍ ନିଜର ୨୦୦ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଥିବାବେଳେ ରାଷ୍ଟ୍ରୀୟ ସମ୍ମାନ ସାଙ୍ଗକୁ ଗନ୍ ସାଲ୍ୟୁଟ ପରେ ଏହାକୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯିବ ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ଫ୍ରେଞ୍ଚ ସେନାମୁଖ୍ୟ ନେପୋଲିୟନ୍ ବୋନାପାର୍ଟ ୧୮୦୭ରେ ଯେତେବେଳେ ପର୍ତ୍ତୁଗାଲ ଉପରେ ଆକ୍ରମଣ କରିଥିଲେ ସେତେବେଳେ ବ୍ରାଜିଲ ସମ୍ରାଟ ପେଡ୍ରୋ ବ୍ରିଟିଶ ନୌସେନା ସାହାଯ୍ୟରେ ପରିବାର ସହ ବ୍ରାଜିଲ ଆସିଥିଲେ। ସେତେବେଳେ ପେଡ୍ରୋଙ୍କୁ ୯ ବର୍ଷ ହୋଇଥିଲା । ବାପା ସମ୍ରାଟ ଜୋଆଓ ଷଷ୍ଠଙ୍କ ଇଚ୍ଛା ବିରୋଧରେ ଯାଇ ପେଡ୍ରୋ ୧୮୨୨ ସେପ୍ଟେମ୍ବର ୭ରେ ବ୍ରାଜିଲକୁ ସ୍ୱାଧୀନ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ସେ ପୁଣି ପର୍ତ୍ତୁଗାଲ ଫେରିଥିଲେ। ସାନ ଭାଇ ଓ ପେଡ୍ରୋଙ୍କ ଭିତରେ ରାଜଗାଦିକୁ ନେଇ ସଂଘର୍ଷ ହୋଇଥିବାବେଳେ ଏଥିରେ ପେଡ୍ରୋଙ୍କ ବିଜୟ ହୋଇଥିଲା। ମାତ୍ର ୩୫ ବର୍ଷ ବୟସରେ ତାଙ୍କ ମୃତ୍ୟୁ ହୋଇଥିଲା।





## ପୁତ୍ର ସନ୍ତାନ ଲୋଭ: ବିବସ୍ତ୍ର ସ୍ନାନ ପାଇଁ ବାଧ୍ୟକଲେ ସ୍ୱାମୀ

**ମୁମ୍ବାଇ:** ଆଧୁନିକ ଯୁଗରେ ମଧ୍ୟ ଅନେକ ଲୋକ ଅନ୍ଧ ବିଶ୍ୱାସ କବଳରେ କବଳିତ। ଗୁଣି ଗାରେଡ଼ି ଜରିଆରେ ମହାରାଷ୍ଟ୍ର ପୁଣେର ଜଣେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଘଟଣା ସାମ୍ନାକୁ ଆସିଛି। ପୁତ୍ର ସନ୍ତାନ ପ୍ରାପ୍ତି ପାଇଁ ମହିଳାଙ୍କୁ ତାଙ୍କ ସ୍ୱାମୀ ସାଧାରଣ ଲୋକଙ୍କ ସମ୍ମୁଖରେ ଝରଣାରେ ଗାଧୋଇବାକୁ ବାଧ୍ୟ କରିଥିବା ଅଭିଯୋଗ ପରେ ପୋଲିସ ଗିରଫ କରିଛି। ମହିଳା ଜଣକ ୨୦୧୩ରେ ପୁଣେର ଜଣେ ବ୍ୟବସାୟୀଙ୍କୁ ବାହାହୋଇଥିଲେ। ପୁତ୍ର ସନ୍ତାନ ଆଶାରେ ତାଙ୍କ ପରିବାର ଜଣେ ବାବାଙ୍କ ପାଖକୁ ଯାଇଥିଲେ। ବାବା ଯେଉଁଭଳି ଭାବେ ତାଙ୍କୁ କରିବାକୁ କହୁଥିଲେ ସେମାନେ ସବୁ ସେମିତି କରୁଥିଲେ। ବାବାଙ୍କ କହିବା ଅନୁସାରେ ଝରଣା ତଳେ ଉଲଗ୍ନ ହୋଇ ଗାଧୋଇଲେ ପୁତ୍ର ସନ୍ତାନ ଲାଭ ହେବ, ଯାହାପାଇଁ ମହିଳାଙ୍କ ସ୍ୱାମୀ ତାଙ୍କୁ ଏପରି କରିବାକୁ ବାଧ୍ୟ କରିଥିଲେ।

# ଫହମିଦା ଅଜିମଙ୍କୁ ପୁଲିଜର ପୁରସ୍କାର



ବାଂଲାଦେଶରେ ଜନ୍ମିତ ଫହମିଦା ଅଜିମ୍‌ଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ପୁଲିଜର ପୁରସ୍କାର ପ୍ରଦାନ କରାଯିବ। ଅନ୍‌ଲାଇନ୍ ମାଗାଜିନ୍ ଇନ୍‌ସାଇଡର ପାଇଁ କାର୍ଯ୍ୟରତ ଏହି ମହିଳା ଖବରଦାତାଙ୍କୁ ବିସ୍ତୃତ ରିପୋର୍ଟିଂ ଓ କମେଣ୍ଟ୍ରି ବର୍ଗରେ ୨୦୨୨ ପୁଲିଜର ପୁରସ୍କାର ଦିଆଯିବା ନେଇ ମଙ୍ଗଳବାର ଘୋଷଣା କରାଯାଇଛି। ଚାଇନାରେ ସଂଖ୍ୟାଲଘୁ ଉଇଗର ସମ୍ପ୍ରଦାୟ ଉପରେ ହେଉଥିବା ବର୍ବରତାକୁ ଲୋକଲୋଚନକୁ ଆଣିଥିବା ୪ ଖବରଦାତାଙ୍କ ମଧ୍ୟରୁ ଆମେରିକାରେ ରହୁଥିବା ଫହମିଦା ଅନ୍ୟତମ। ତାଙ୍କ 'ଆଇ ଏସ୍କେପ୍‌ଡ ଏ ଚାଇନିଜ୍ ଇଣ୍ଟରର୍ନମେଣ୍ଟ କ୍ୟାମ୍ପ' ବିଶେଷ ଆଦୃତି ଲାଭ କରିଛି।




## 'ପସନ୍ଦ ନ ଥିଲେ ଦେଖ ନାହିଁ'

**ମୁମ୍ବାଇ:** ଷ୍ଟାର୍ କିଡ୍‌ଙ୍କୁ ନେଇ ବଲିଉଡ୍‌ରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏ ପ୍ରକାର ଚର୍ଚ୍ଚାଠାରୁ ନିଜକୁ କିପରି ଦୂରରେ ରଖାଯାଇ ପାରିବ ସେ ନେଇ ଆଲିଆ ଭଟ୍ଟ ପ୍ରତିକ୍ରିୟାରେ କହିଛନ୍ତି। ସେ କହିଛନ୍ତି, ଯେଉଁମାନଙ୍କୁ ମୋ କାମ ପସନ୍ଦ ନୁହେଁ ସେମାନେ ମୋତେ ଦେଖିବା ବନ୍ଦ କରି ଦିଅନ୍ତୁ। ଏଥିରେ କୌଣସି ଆପତ୍ତି ନାହିଁ। ପ୍ରତ୍ୟେକ ସେଲିବ୍ରିଟି ଟ୍ରୋଲର ଶିକାର ହେଉଥିବାବେଳେ ଏହାର ସାମ୍ନା କିପରି କରାଯିବ ସେ ନେଇ ମଧ୍ୟ ପ୍ରତ୍ୟେକ ଅଲଗା ଅଲଗା ଉପାୟ ପାଞ୍ଚିଥାନ୍ତି। ଯେଉଁମାନେ ଷ୍ଟାର୍ କିଡ୍ ଶବ୍ଦ ବ୍ୟବହାର କରି ସୋସିଆଲ ମିଡିଆରେ ଟ୍ରୋଲ କରୁଛନ୍ତି ସେମାନେ ନିହାତି ଭାବେ ଜାଣି ରଖିବା ଦରକାର ଷ୍ଟାର କିଡ୍ ମଧ୍ୟ ଫିଲ୍ମରେ କାମ କରିବା ପାଇଁ ବହୁ ପରିଶ୍ରମ କରିଥାନ୍ତି। ସେଥିପାଇଁ ହେଟରମାନଙ୍କ ନେଗେଟିଭ୍ କମେଣ୍ଟକୁ ଅଣଦେଖା କରିବା ଏକମାତ୍ର ଉପାୟ ବୋଲି ଆଲିଆ କହିଛନ୍ତି। ଏଥିସହ ଏ ପ୍ରକାର ନକାରାତ୍ମକ ଜିନିଷଠାରୁ ନିଜକୁ ଦୂରରେ ରଖି ଆଗାମୀ ପ୍ରୋଜେକ୍ଟ କିପରି ଭଲ ହେବ ଏବଂ ନିଜର ଭଲ କ୍ୟାରିୟର୍ ଗଢ଼ିବା ଦିଗରେ କାମ କରିବା ମୁଖ୍ୟ ବୋଲି ସେ କହିଛନ୍ତି। ଆସନ୍ତା ସେପ୍ଟେମ୍ବରରେ ଆଲିଆ ଓ ରଣବୀର କପୁର ଅଭିନୀତ ଫିଲ୍ମ 'ବ୍ରହ୍ମାସ୍ତ୍ର' ରିଲିଜ୍ ହେବ।

**ମନେ ପଡ଼ନ୍ତି**

**ଦଶାହ ଉପଲକ୍ଷେ**



ସ୍ୱର୍ଗତା ରାସେଶ୍ୱରୀ ପଟ୍ଟନାୟକ (ଜଲି)
ଆବିର୍ଭାବ: ୦୪।୦୮।୧୯୪୭
ତିରୋଧାନ: ୧୫।୦୮।୨୦୨୨
ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଆପଣଙ୍କର ଶୋକସନ୍ତପ୍ତ: ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୨୯୩

**ଏକାଦଶାହ ଉପଲକ୍ଷେ**



୰ଶ୍ରୀମତୀ ନୟନ ଦେବୀ
ଆବିର୍ଭାବ: ୦୧।୦୧।୧୯୪୬
ତିରୋଧାନ: ୧୪।୦୮।୨୦୨୨
ତୁମର ସ୍ନେହ, ଶ୍ରଦ୍ଧା ଓ ଦାୟିତ୍ୱବୋଧ ସବୁଦିନ ଆମକୁ ପ୍ରେରଣା ଦେଉଥିବ। ତୁମର ଶୂନ୍ୟସ୍ଥାନ ଚିରଦିନ ଅପୂରଣୀୟ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜ, ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଶତପଥୀ ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୫୩୬୬୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ବୀରା
ଆବିର୍ଭାବ: ୦୭।୦୮।୨୦୧୮
ତିରୋଧାନ: ୧୪।୦୮।୨୦୨୨
ତୋର ଅପ୍ରତ୍ୟାଶିତ ଅବର୍ତ୍ତମାନ ଆମକୁ ଦୁଃଖ ସାଗରରେ ଭସାଇ ଅସହ୍ୟ ଯନ୍ତ୍ରଣା ଦେଉଛି। ତୋର ଅନୁପସ୍ଥିତି ଆମ ସମସ୍ତଙ୍କ ଜୀବନରେ ଏକ ଅପୂରଣୀୟ ଶୂନ୍ୟତା ଭରିଦେଇଛି। ତୋର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ତୋର ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ହତଭାଗିନୀ: ମାତା, ପିତା, ପରିବାରବର୍ଗ, ଅଜା, ଆଈ ।
ଧ-୧୩୩୭

**୨୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ଖଗେନ୍ଦ୍ର ଚନ୍ଦ୍ର ପଣ୍ଡା
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ ।
ଧ-୭୩୭୧୬

**ଅଷ୍ଟମ ପୁଣ୍ୟତିଥି ଉପଲକ୍ଷେ**



୰ନାରାୟଣ ଜେନା (ଟିକି ସାର୍)
ନହରକଣ୍ଟା, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୦୫।୦୬।୧୯୩୩
ତିରୋଧାନ: ୨୨।୦୮।୨୦୧୪
ଆଜି ଆପଣଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ପୁଣ୍ୟାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଓ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଜେନା ପରିବାରବର୍ଗ ଓ ବନ୍ଧୁବର୍ଗ ।
ଧ-୧୩୩୪

## ନନ୍ଦନକାନନରେ କୃଷ୍ଣସାର ମୃଗଙ୍କ ମଧ୍ୟରେ ଲଢ଼େଇ

ବାରଙ୍ଗ,(ଡି.ଏନ୍.ଏ.): ନନ୍ଦନକାନନ ୬୬ ନଂ. (କ) ଏନ୍‌କ୍ଲୋଜର ଭିତରେ ମଙ୍ଗଳବାର ଖାଦ୍ୟ ପାଇଁ କୃଷ୍ଣସାର ମୃଗଙ୍କ ମଧ୍ୟରେ ଲଢ଼େଇ ହୋଇଛି। ସେଥିରେ ଏକ କୃଷ୍ଣସାର ମୃଗର ଡାହାଣ ପଟ ଗୋଡ ଭାଙ୍ଗିଥିବାବେଳେ ଅନ୍ୟ ଏକ ମୃଗ ଆହତ ହୋଇଛି। ଖବରପାଇ ବନ୍ୟପ୍ରାଣୀ ଚିକିତ୍ସକ ମୃଗର ଚିକିତ୍ସା କରିବା ସହ ଗୋଡ଼ରେ ଅସ୍ତ୍ରୋପଚାର କରିଛନ୍ତି। ସେହିପରି ଏନ୍‌କ୍ଲୋଜରରେ ଏକ ଛୁଆ ମୃଗ ଖାଦ୍ୟାଭାବରୁ ଅନ୍ୟ କୃଷ୍ଣସାର ମୃଗ ସହ ମାଡଗୋଳ ଫଳରେ ତା' ଦେହରେ କ୍ଷତ ସୃଷ୍ଟି ହୋଇ ଅଚେତ ହୋଇ ତଳେ ପଡିଯାଇଥିଲା। ନନ୍ଦନକାନନ ଚିକିତ୍ସକ ଛୁଆ ମୃଗର ଚିକିତ୍ସା କରୁଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନାହିଁ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହ ଅବସରରେ ସାଧାରଣ ସଭା, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ସ୍ୱର୍ଗତା ସଂଯୁକ୍ତା ପାଣିଗ୍ରାହୀଙ୍କ ୭୮ତମ ବାର୍ଷିକ ଜନ୍ମୋତ୍ସବ ଅବସରରେ 'ପ୍ରାଇମ୍ ଡୋନା ଅଫ୍ ଓଡ଼ିଶୀ' କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

## ଦଶମ ଶ୍ରେଣୀ ଛାତ୍ରଙ୍କୁ ଖଣ୍ଡାଚୋଟ

**ଖୋର୍ଦ୍ଧା ଅଫିସ,୨୩।୮:** ଖୋର୍ଦ୍ଧା ସଦର ଥାନା ଅଧୀନ ଅଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମଙ୍ଗଳବାର ରାତିରେ ଟ୍ୟୁସନରୁ ଫେରୁଥିବା ବେଳେ ୧୦ମ ଶ୍ରେଣୀ ଛାତ୍ରଙ୍କୁ କେହି ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ଆହତ ଛାତ୍ର ହେଲେ ଏହି ଗ୍ରାମର ପ୍ରଭାତ ଜେନା(୧୫)। ତାଙ୍କ ପିଠିରେ ଗଭୀର ଆଘାତ ଲାଗିଛି। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ନିକଟ ଗ୍ରାମର ଦୁଇ ଜଣ ଯୁବକ ଗତ କିଛି ଦିନ ହେବ ପ୍ରଭାତ ଏବଂ ତାଙ୍କ ସାଙ୍ଗଙ୍କୁ ଝିଅମାନଙ୍କ ସମ୍ପର୍କରେ ପଚାରିବା ସହ ମୋବାଇଲ ନମ୍ବର ମାଗୁଥିଲେ। ତେବେ ପ୍ରଭାତ ଓ ତାଙ୍କ ସାଙ୍ଗମାନେ ସେମାନଙ୍କ କଥାକୁ ଶୁଣିନଥିଲେ। ମଙ୍ଗଳବାର ସକାଳେ ସମ୍ପୃକ୍ତ ଯୁବକ ଦ୍ୱୟ ବାଇକରେ ଆସି ଗ୍ରାମରେ ବୁଲୁଥିଲେ। ସନ୍ଧ୍ୟାରେ ପ୍ରଭାତ ସାଙ୍ଗମାନଙ୍କ ସହ ଟ୍ୟୁସନ ସାରି ଘରକୁ ଫେରୁଥିଲେ। ଏହି ସମୟରେ ୩ ଜଣ ବାଇକରେ ଆସି ପ୍ରଭାତଙ୍କ ପିଠିକୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଓ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି।

### ଭୂତଳ ଜଳ ସଂରକ୍ଷଣ ଚିନ୍ତା

## ୩୨ ବ୍ଲକରେ ୫୦ କୋଟି ବ୍ୟୟରେ ହେବ ଜଳ ସଂଚରଣ ଯୋଜନା

**ଭୁବନେଶ୍ୱର,୨୩।୮(ବ୍ୟୁରୋ):** ଭୂତଳ ଜଳ ସଂଚରଣ ପାଇଁ ରାଜ୍ୟ ସରକାର ନୂଆ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଆସନ୍ତା ୫ ବର୍ଷ ପାଇଁ ଏହି ଯୋଜନାରେ ୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟର ଜଳକ୍ଲିଷ୍ଟ ୩୨ଟି ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ସମ୍ପୂର୍ଣ୍ଣ ଖର୍ଚ୍ଚ କରିବେ। ଉକ୍ତ ବ୍ଲକଗୁଡ଼ିକରେ ଭୂତଳ ଜଳ ଅତି ମାତ୍ରାରେ ହ୍ରାସ ପାଇବାରେ ଲାଗିଛି। ପ୍ରାକୃତିକ ଉପାୟରେ ଜଳ ସଂଚରଣ ହୋଇ ପାରୁ ନ ଥିବାରୁ ଏହି ଯୋଜନା ଜରିଆରେ ଭୂତଳ ଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଯିବ। ଜଳ ସମ୍ପଦ ବିଭାଗ ପକ୍ଷରୁ ୬ଟି ଅର୍ଦ୍ଧ ଜଟିଳ( ସେମି କ୍ରିଟିକାଲ) ଏବଂ ସେମି କ୍ରିଟିକାଲ ହେବାକୁ ଯାଉଥିବା ୨୬ଟି ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ସବୁ ବ୍ଲକରେ ୬୫% ଭୂତଳ ଜଳ ବ୍ୟବହାର କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯୋଜନାରେ ୨୪ ହଜାର ପୋଖରୀରେ ରିଚାର୍ଜ ସାଫ୍ଟ ଜରିଆରେ ଭୂତଳ ଜଳ ସଂଚରଣ କରାଯିବ। ୨୦୨୬-୨୭ ସୁଦ୍ଧା ୯୩୦ ରିଚାର୍ଜ ସାଫ୍ଟ ସ୍ଥାପନ କରାଯିବ ବୋଲି ଜଣାପଡିଛି। ପାଣି ପଞ୍ଚାୟତ ଦ୍ୱାରା ଏହାର ସ୍ଥାପନ ଓ ରକ୍ଷଣାବେକ୍ଷଣ କରାଯିବ।

# ମହାପ୍ରଭୁଙ୍କ କାଳୀୟଦଳନ ବେଶ

**ପୁରୀ ଅଫିସ,୨୩।୮**



ଶ୍ରୀମନ୍ଦିରରେ ମଙ୍ଗଳବାର ରତ୍ନ ସିଂହାସନ ଉପରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହେବା ସହ ଶ୍ରୀମନ୍ଦିର ନିକଟସ୍ଥ ମାର୍କଣ୍ଡେୟ ପୋଖରୀ କୂଳରେ କାଳୀୟ ଦଳନ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଯମୁନା ନଦୀରେ କୃଷ୍ଣରୂପରେ କାଳୀୟସର୍ପର ଗର୍ବ ଖଣ୍ଡନ କରି ଗୋପପୁରକୁ ରକ୍ଷା କରିଥିବାରୁ ତାହାର ସ୍ମାରକ ରୂପେ ଏହି ବେଶ ଓ ନୀତି ହୋଇଥାଏ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ପରେ ମଦନମୋହନ ଓ ରାମକୃଷ୍ଣ ଭିତରକୁ ବିଜେ କରିଥିଲେ। ସେଠାରୁ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ମହାଜନ ସେବକମାନେ ମଦନମୋହନ ଓ ରାମକୃଷ୍ଣଙ୍କୁ ମୁକ୍ତିମଣ୍ଡପ ନିକଟସ୍ଥ ପାଲିଙ୍କିଙ୍କୁ ବିଜେ କରିଥିଲେ। ପରେ ଠାକୁରଦ୍ୱୟ ଦକ୍ଷିଣ ଦ୍ୱାର ଦେଇ ନଗର ପରିକ୍ରମା କରି ଲୋକନାଥ ରୋଡ୍ ନିକଟ ଭିତର ସେବାୟତ ନିଯୋଗ ନିକଟରେ ପହଞ୍ଚିଥିଲେ। ବନ୍ଦାପନା ନୀତି ହୋଇ ଠାକୁରଙ୍କୁ ଲବଣି ଖିଆ ମଣ୍ଡପକୁ ନେଇଥିଲେ। ସେଠାରେ ପ୍ରସାଦ ଲାଗି ଓ ଶୀତଳ ଭୋଗ ମଣୋହି ସହ ବନ୍ଦାପନା ପରେ କାଳୀୟଦଳନ ନୀତି ନିମନ୍ତେ ମଦନମୋହନ ଓ ରାମକୃଷ୍ଣ ମାର୍କଣ୍ଡପୋଖରୀ ପାଖକୁ ବିଜେ କରିଥିଲେ। ସରୋବରସ୍ଥିତ ଦୀପଦାଣ୍ଡି ମଣ୍ଡରେ ରୂପକାରଙ୍କ ଦ୍ୱାରା କାଷ୍ଠ ନିର୍ମିତ ଏକ କାଳୀୟନାଗକୁ ରଖାଯାଇଥିଲା। ସେହି ନାଗକୁ ଦମନ ପାଇଁ ଜଣେ ସେବାୟତ କୃଷ୍ଣବେଶରେ ଓ ଅନ୍ୟଜଣେ ଗରୁଡ଼ ବେଶରେ ପ୍ରସ୍ତୁତ ହୋଇ ନୀତି ଆରମ୍ଭ ହୋଇଥିଲା। ଭାଗବତ ବର୍ଣ୍ଣିତ ଅନୁଯାୟୀ, କାଳୀୟଦଳନର ମଧ୍ୟକାଳେ କାଳୀୟ ସର୍ପ ଦ୍ୱାରା କବଳିତ ହୋଇ ଶ୍ରୀକୃଷ୍ଣ ଗରୁଡ଼ଙ୍କୁ ସ୍ମରଣ କରିଥାନ୍ତି। ଗରୁଡ଼ ବେଶରେ ଥିବା ବ୍ୟକ୍ତି ଆବିର୍ଭାବ ହୋଇ ଶ୍ରୀକୃଷ୍ଣଙ୍କୁ କାଳୀୟର ବନ୍ଧନରୁ ମୁକ୍ତ କରିବା ସହ ବିଷମୁକ୍ତ ହେବା ନିମନ୍ତେ ତାଙ୍କ ପାଟିରେ ଅମୃତ ଲଡୁ ଦେଇଥାନ୍ତି। ଏହି ନୀତି ସମ୍ପନ୍ନ ପରେ ଠାକୁର ପଞ୍ଚଉପଚରାରେ ଶୀତଳ ଭୋଗ ମଣୋହି ହୋଇ ବନ୍ଦାପନା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡିଥିଲେ।

### ଧେନୁକାସୁର ବଧ ନୀତି ସମ୍ପନ୍ନ

ସେହିପରି ଶ୍ରୀମନ୍ଦିରରେ ମହାପ୍ରଭୁ କାଳୀୟ ଦଳନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ୭ଟି ଫଣାଥିବା ଗୋଟିଏ କଳାନାଗ ଉପରେ ନୃତ୍ୟ କରୁଥିବା ପରି ପ୍ରଦର୍ଶିତ କରାଯାଇଥିଲା। ସେହିପରି ସୁଆର ସାହି ପକ୍ଷରୁ ଧେନୁକା ଅସୁର ବଧ ନୀତି ହୋଇଥିଲା। ଜଣେ ବ୍ୟକ୍ତି ଧେନୁକା ଅସୁର ବେଶ ଧାରଣ କରି ନଗର ପରିକ୍ରମା କରି ଶ୍ରୀମନ୍ଦିର ଯିବାପରେ ଧେନୁକାସୁର ବଧ ନୀତି ସମ୍ପନ୍ନ ହୋଇଥିଲା।



ଶ୍ରୀକ୍ଷେତ୍ରରେ ମଙ୍ଗଳବାର କୃଷ୍ଣଲୀଳା ନୀତି ଅବସରରେ ମହାଭୋଇମାନେ କୃଷ୍ଣ ଓ ବଳରାମଙ୍କୁ ବନ୍ଦାପନା କରୁଛନ୍ତି।

### ଦୀପୁ-ଓମ୍ ହତ୍ୟାକାଣ୍ଡ ମାମଲା

## ଅସମ୍ପୂର୍ଣ୍ଣ ରହିଲା ସାକ୍ଷ୍ୟ ଗ୍ରହଣ

**କଟକ ଅଫିସ,୨୩।୮**

ବହୁଚର୍ଚ୍ଚିତ ଦୀପୁ-ଓମ୍ ହତ୍ୟା ମାମଲାରେ କଟକ ଜିଲା ଓ ଦୌରାଜଜ୍ ଅଦାଲତରେ ମଙ୍ଗଳବାର ସାକ୍ଷ୍ୟ ଗ୍ରହଣ ହୋଇଥିଲା। ଚାଉଳିଆଗଞ୍ଜ ଥାନାର ତତ୍କାଳୀନ ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ଅଜୟ ଦାସଙ୍କ ସାକ୍ଷ୍ୟ ଗ୍ରହଣ ଅସମ୍ପୂର୍ଣ୍ଣ ରହିବାରୁ ପରବର୍ତ୍ତୀ ଶୁଣାଣି ପାଇଁ ସେପ୍ଟେମ୍ବର ୨୭କୁ ଧାର୍ଯ୍ୟ ହୋଇଥିବା ଜଣାପଡିଛି। ମାମଲାର ବିବରଣୀରୁ ପ୍ରକାଶ, ଖୁଣ୍ଟକଟା ଫାର୍ମ ହାଉସରେ ଦୀପୁ ଏବଂ ଓମ୍‌କୁ ପିଟିପିଟି ହତ୍ୟା କରାଯାଇଥିଲା। ପରେ ସେମାନଙ୍କ ମୃତଦେହକୁ ଝାଡଖଣ୍ଡରେ ପୋଡି ଦିଆଯାଇଥିଲା। ଏହି ଘଟଣାରେ ସୁଶୀଲ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଧଳସାମନ୍ତ ଭ୍ରାତାଙ୍କୁ ଗିରଫ କରିଥିଲା। ସୋମବାର ଏହି ମାମଲାର ଶୁଣାଣିବେଳେ ସୁଶୀଲଙ୍କୁ ବାଲେଶ୍ୱର ଜେଲ୍ ଓ ସୁଶାନ୍ତଙ୍କୁ ବଲାଙ୍ଗୀର ଜେଲରୁ ଅଣାଯାଇଥିଲା। ଧଳସାମନ୍ତ ଭ୍ରାତାଙ୍କ ପକ୍ଷରୁ ଆଇନଜୀବୀ ଗୌରଚନ୍ଦ୍ର ମହାପାତ୍ର, ପ୍ରସନ୍ନ କୁମାର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

## ପେଟ୍ ସିଟିସ୍କାନ ମେଶିନ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନିଅ

**କଟକ ଅଫିସ,୨୩।୮**

### ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନ

### ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନରେ ପେଟ୍ ସିଟିସ୍କାନ ମେଶିନ କାର୍ଯ୍ୟକ୍ଷମ ହେଉନି। ଏହାଦ୍ୱାରା ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଠାରେ ପେଟ୍ ସିଟିସ୍କାନ ମେଶିନ୍‌କୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ସରକାର ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ଆବେଦନକାରୀ ଅନିତା ବୁଦ୍ଧିଆ ପିଟିଶନରେ ଦର୍ଶାଇଥିଲେ, କର୍କଟ ରୋଗୀଙ୍କ ପାଇଁ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ସହିତ ରାଜ୍ୟର ଅନ୍ୟ ମେଡିକାଲରେ ପେଟ୍ ସିଟି ସ୍କାନ ମେଶିନ୍ ବ୍ୟବସ୍ଥା କରାଯାଉ। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଉକ୍ତ ମେଶିନ ସ୍ଥାପନା ହୋଇସାରିଛି। ମାତ୍ର ଆଣବିକ ଶକ୍ତି ବୋର୍ଡରୁ ଏହାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଅନୁମତି ପତ୍ର ମିଳି ନ ଥିବା ଅଦାଲତଙ୍କୁ ଅବଗତ କରାଯାଇଥିଲା। ତେଣୁ ତୁରନ୍ତ ସରକାର ଅନୁମତି ମିଳିବା ଉପରେ ପଦକ୍ଷେପ ନିଅନ୍ତୁ ଓ ରାଜ୍ୟର ଅନ୍ୟ ମେଡିକାଲରେ ଏହି ମେଶିନ ସ୍ଥାପନାର ସ୍ଥିତି ସମ୍ପର୍କରେ ଆଗାମୀ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୯ ତାରିଖକୁ ଧାର୍ଯ୍ୟ ହୋଇଛି। ଆଇନଜୀବୀ ଅରୁଣ କୁମାର ବୁଦ୍ଧିଆ ଓ ବରିଷ୍ଠ ଆଇନ୍ ଗୌତମ ଆଚାର୍ଯ୍ୟ ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

## 'ଶିଶୁଙ୍କ ପ୍ରତି ଅପରାଧକୁ ଗୁରୁତ୍ୱର ସହ ନିଆଯାଉ'

**କଟକ ଅଫିସ,୨୩।୮**

### ପୋଲିସ ମୁଖ୍ୟାଳୟରେ ୨ ଦିନିଆ କର୍ମଶାଳା

ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ଅପରାଧକୁ ପୋଲିସ ଅଧିକାରୀମାନେ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ୍। ଏଥିସହ ସେମାନଙ୍କୁ ସୁରକ୍ଷା ଓ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ରାଜ୍ୟ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏବଂ ୟୁନିସେଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ରାଜ୍ୟ ପୋଲିସ ମୁଖ୍ୟାଳୟସ୍ଥିତ ଆର୍.କେ. ପାଢୀ ମେମୋରିଆଲ୍ ହଲ୍‌ରେ ଅନୁଷ୍ଠିତ ଦୁଇ ଦିନିଆ କର୍ମଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କମିଶନର ଯୋଗଦେଇ କହିଥିଲେ, ମହିଳା ଓ ଶିଶୁଙ୍କ କ୍ଷେତ୍ରରେ ହେଉଥିବା ଅପରାଧ ରୋକିବାକୁ ରାଜ୍ୟ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ପୂର୍ବରୁ ଅପରେଶନ ସ୍ମାଇଲ୍, ଅପରେଶନ ମୁସ୍କାନ ଏବଂ ବିଭିନ୍ନ ସମୟରେ ସ୍ପେଶାଲ ଡ୍ରାଇଭ୍ କରାଯାଇ ମହିଳା ଓ ଶିଶୁ ଅପରାଧ ରୋକିବା ଦିଗରେ ପଦକ୍ଷେପ ନିଆଯାଇଛି। ଆଗାମୀ ଦିନରେ ମଧ୍ୟ ପୋଲିସ ଅଧିକାରୀମାନେ ଏ ଦିଗରେ ଅଧିକ ଯତ୍ନବାନ୍ ହୋଇ କାର୍ଯ୍ୟ କରିବେ। ଏଥିସହ ମାନବ ଚାଲାଣ ରୋକିବାରେ ନିଜକୁ ସାମିଲ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ କମିଶନର ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଅତିରିକ୍ତ ଡିଜି(କ୍ରାଇମ୍‌ବ୍ରାଞ୍ଚ) ଅରୁଣ କୁମାର ବୋଥ୍ରା କହିଥିଲେ, ମାନବଚାଲାଣ ସମ୍ପର୍କିତ ଅଭିଯୋଗକୁ ଗୁରୁତ୍ୱର ସହ ନିଆଯିବା ଉଚିତ୍। ଅଭିଯୋଗକାରୀଙ୍କ ପ୍ରତି ପୋଲିସ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ସେ କହିଥିଲେ। ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଅତିରିକ୍ତ ଡିଜିପି ରେଖା ଲୋହାନୀ କର୍ମଶାଳାର ଆଭିମୁଖ୍ୟ ଉପରେ କହିଥିଲେ। କୋଲକାତା ହାଇକୋର୍ଟର ଆଇନଜୀବୀ କୌଶିକ୍ ଗୁପ୍ତା, ଆନ୍ତର୍ଜାତିକ ଜଷ୍ଟିସ୍ ମିଶନର ମୁଖ୍ୟ ଏମ୍. ଦେବସିଥମ୍, ୟୁନିସେଫ୍ ଓଡ଼ିଶାର ନେହା ନାଇଡୁ ପ୍ରମୁଖ ଯୋଗଦେଇ ମାନବ ଚାଲାଣ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଡିଏସ୍‌ପି ଇମନକଲ୍ୟାଣ ନାୟକ ଧନ୍ୟବାଦ ଦେଇଥିଲେ। ଏହି କର୍ମଶାଳାରେ ବିଭିନ୍ନ ଜିଲାରୁ ଅତିରିକ୍ତ ଏସ୍‌ପି (କ୍ରାଇମ୍), ଡିଏସ୍‌ପି (କ୍ରାଇମ୍) ଏବଂ ସାଇବର୍ ୟୁନିଟ୍‌ର ଅଧିକାରୀମାନେ ଯୋଗ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଚାନ୍ଦିନୀ



@ ଲଲାଟ



@ ଆଦି



@ ବିଶ୍ୱନାଥ



@ ଅନନ୍ତ

## ଟ୍ରକ୍ ତଳେ ଚାପିହୋଇ ଛାତ୍ର ମୃତ

**ବ୍ରହ୍ମଗିରି,୨୩।୮(ଡି.ଏନ.ଏ)**

### ଉଚ୍ଚ ଶିକ୍ଷା ଅଧୁରା ରହିଗଲା

ଉଚ୍ଚ ଶିକ୍ଷାର ସ୍ୱପ୍ନ ନେଇ ନିଜ ମାମୁ ସାଙ୍ଗେ ମଙ୍ଗଳବାର ବାଇକ୍‌ରେ ପୁରୀ ଆସୁଥିବା ବେଳେ ବ୍ରହ୍ମଗିରି ଅଞ୍ଚଳରେ ଏକ ଟ୍ରକ୍ ସହ ଦୁର୍ଘଟଣା ହୋଇ ଚକା ତଳେ ପଡ଼ିଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଜପତି ଜିଲା ରାୟଗଡ଼ ଥାନା ଅନ୍ତର୍ଗତ ଅବାସିଂ ଗ୍ରାମର ଅଜୁ ଭୂୟାଁ(୧୬)। ତେବେ ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ଧରି ଥାନାକୁ ଦେଇଥିଲେ। ଏ ନେଇ ଛାତ୍ରଙ୍କ ମାମୁ ଉକ୍ତ ଅଞ୍ଚଳର ସୁଶାନ୍ତ ନାୟକ ବ୍ରହ୍ମଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୫/୨୨) ରୁଜୁ କରି ଡ୍ରାଇଭରଙ୍କ ଅଟକ ରଖି ପଚରାଉଚରା କରିଛି। ସୂଚନା ଅନୁଯାୟୀ, ମାଟ୍ରିକ ପରୀକ୍ଷା ସରିବାର ପରେ ଅଜୁ ଭୂୟାଁ ଉଚ୍ଚ ଶିକ୍ଷା ନିମନ୍ତେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ନାମ ଲେଖିବା ନିମନ୍ତେ ମଙ୍ଗଳବାର ପୁରୀ ଆସୁଥିଲେ। ମାମୁ ସୁଶାନ୍ତ ଓ ଅଜୁ ଏକ ବାଇକ୍ (ନଂ.ଓଡି-୦୭ଜେଡ୍-୯୬୭୮)ରେ ପୁରୀ ଅଭିମୁଖେ ଯାଉଥିବା ସମୟରେ ବ୍ରହ୍ମଗିରି ବଜାର ମଧ୍ୟରେ ହଠାତ୍ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ଫଳରେ ଏହି ସମୟରେ ପଛରେ ଆସୁଥିବା ଏକ ଟ୍ରକ୍‌ଟି ଅଜୁଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଅଜୁଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇ ଟ୍ରକ ଡାଇଭର ଫେରାର ହେଇଯାଉଥିବା ସ୍ଥାନୀୟ ଲୋକ ଡ୍ରାଇଭରକୁ ଧରି ନିସ୍ତୁକ ମାଡମାରିବା ସହିତ ଗାଡ଼ି ଜବତ କରି ପୋଲିସକୁ ଜଣାଇଥିଲେ।



ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର ବିଜୁ ମହିଳା ଜନତା ଦଳ ଭୁବନେଶ୍ୱର ସାଙ୍ଗଠନିକ ଜିଲା ମଧ୍ୟ ନିର୍ବାଚନମଣ୍ଡଳୀ ପକ୍ଷରୁ ୟୁନିଟ୍-୨ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।



ରାଜ୍ୟ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏବଂ ୟୁନିସେଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ରାଜ୍ୟ ପୋଲିସ ମୁଖ୍ୟାଳୟସ୍ଥିତ ଆର୍.କେ. ପାଢୀ ମେମୋରିଆଲ୍ ହଲ୍‌ରେ ଅନୁଷ୍ଠିତ କର୍ମଶାଳାରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବକ୍ତବ୍ୟ ଦେଉଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ ଦିବଂଗତ ବଲିଉଡ୍ କଣ୍ଠଶିଳ୍ପୀ କେକେଙ୍କୁ ସଙ୍ଗୀତ କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରଦ୍ଧାଞ୍ଜଳ ଅର୍ପଣ।

**ଅଣସଂଗଠିତ ଶ୍ରମିକଙ୍କ ନିରାପତ୍ତା ସୁଦୃଢ଼ ହେଉ**

ଭୁବନେଶ୍ୱର,(ବ୍ୟୁରୋ): ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ନିରାପତ୍ତା ସୁଦୃଢ଼ ହେବା ଉଚିତ ବୋଲି ମଙ୍ଗଳବାର ରୋଟାରୀ କ୍ଲବ ସଭାକକ୍ଷରେ ସିସିଡବ୍ଲୁଡି, ଆକ୍ସନ୍‌ଏଡ୍ ଓ ଅଣସଂଗଠିତ ଶ୍ରମିକ ମଞ୍ଚର ମିଳିତ ଆନୁକୂଲ୍ୟରେ ଆୟୋଜିତ ଅର୍ବାନ ଥିଙ୍କର୍ସ ଏବଂ ଆକ୍ସନ୍ କ୍ୟାମ୍ପସ୍ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ଏନ୍.ନାରାୟଣ ରେଡ୍ଡୀ ଯୋଗଦେଇଥିଲେ। ସିସିଡବ୍ଲୁଡି ସମ୍ପାଦକ ସଦାଶିବ ସ୍ୱାଇଁ, ଆକ୍ସନଏଡ୍‌ର ଶୁଭେନ୍ଦୁ ରାୟ, ମହେନ୍ଦ୍ର ପରିଡା, ଜ୍ୟୋତିରଞ୍ଜନ ମହାପାତ୍ର, ମାନସ ରଞ୍ଜନ ପ୍ରଧାନ ଓ ବିରେନ୍ଦ୍ର ପ୍ରସାଦ ଦାସ ଉପସ୍ଥିତ ଥିଲେ। ଏ ନେଇ ରାଜ୍ୟ ଶ୍ରମ ଆୟୁକ୍ତ ଓ ବିଏମ୍‌ସି ଆୟୁକ୍ତଙ୍କୁ ଦାବିପତ୍ର ଦିଆଯାଇଥିଲା।

## ସଂକ୍ଷେପରେ

### ୨୫ ଲକ୍ଷର ବ୍ରାଉନସୁଗାର ଜବତ ଘଟଣା: ଆଉ ୫ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)୨୩।୮: ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦିପଡ଼ିଆ ବସ୍ତିରେ ୨୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ସହ ବାଲେଶ୍ୱରର ଏଜେଣ୍ଟ ଶାହାରୁଖ୍ ଅଲ୍ଲୀ ଖାନ୍ ଧରାପଡ଼ିବା ଘଟଣାରେ ପୋଲିସ ତାଙ୍କର ୫ ସହଯୋଗୀଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ହଳଦିପଡ଼ିଆ ବସ୍ତିର ଏସ୍‌କେ ଅଜିତ୍ ଅଲ୍ଲୀ, ସତ୍ୟବାଦୀ ପରିଡ଼ା ଓରଫ ବାବୁ, ବାଲିଅନ୍ତା ଥାନା ଅନ୍ତର୍ଗତ ବାଲକାଟିର ଅଜୟ ରାଉତ ଓରଫ ସୁକାନ୍ତ, ଜଟଣୀ ଥାନା ଅଞ୍ଚଳର ପିଣ୍ଟୁ ନାୟକ , କ୍ୟାପିଟାଲ ଥାନା ଅନ୍ତର୍ଗତ ଝରଣାସାହିର ସୁନିଲ ସାହାଣୀ। ଏ ନେଇ ଏକ ମାମଲା (ନଂ.୨୯୫/୨୨) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ମାଟ୍ରିକ୍ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ବାରଙ୍ଗ,୨୩।୮(ଡି.ଏନ୍.ଏ.): ମେଣ୍ଢାଶାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ମାର୍ଗଦର୍ଶନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୭୭ଜଣ ଛାତ୍ରୀଛାତ୍ରଙ୍କୁ ହାଇସ୍କୁଲ ସାର୍ଟିଫିକେଟ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପୁରାତନ ଛାତ୍ର ପ୍ରଫୁଲ୍ଲ ପାତ୍ର, ଶ୍ରୀନିବାସ ମାନସିଂ, ଭାସ୍କରଚନ୍ଦ୍ର ସୁବୁଦ୍ଧି, ସନ୍ତୋଷ ରାୟ, ସ୍କୁଲ କମିଟି ସଭାପତି ଅଭିମନ୍ୟୁ ମହାପାତ୍ର, ଉପସଭାନେତ୍ରୀ ସସ୍ମିତା ବାହିନୀପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପିଲାଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସ୍କୁଲ୍‌ରେ ସର୍ବୋଚ୍ଚ ନମ୍ବର ରଖି ପାସ୍ କରିଥିବା ସୁଚିସ୍ମିତା ବଳିଆରସିଂଙ୍କୁ ମେଣ୍ଢାଶାଳ ସରପଞ୍ଚ କୌଶଲ୍ୟା ବଳିଆରସିଂ ସମ୍ମାନିତ କରିଥିଲେ। ଅନ୍ୟତମ ଛାତ୍ରୀ ଭାନୁପ୍ରିୟା ପାତ୍ରଙ୍କୁ ପୂର୍ବତନ ସରପଞ୍ଚ ଭରତଚନ୍ଦ୍ର ରାଉତରାୟ ସମ୍ମାନିତ କରିଥିଲେ।

### 'ସମାଜରେ ପରିବର୍ତ୍ତନ ଆଣିପାରିବ ସାହିତ୍ୟ'

ଭୁବନେଶ୍ୱର,୨୩।୮(ବ୍ୟୁରୋ):ସାହିତ୍ୟ ଅନୁଷ୍ଠାନ 'ଚଲାପଥ ଲେଖକ ସମ୍ମିଳନୀ ଓଡ଼ିଶା'ର ସାହିତ୍ୟ ଉତ୍ସବ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମୟରେ ରାଜନୈତିକ ଚାପରେ ସାମ୍ବାଦିକତାର ମାନ ଓ ଶସ୍ତା ଲୋକପ୍ରିୟତା ପଛରେ ଗଣମାଧମର ଦୌଡ଼ ଅରୁଚିକର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାହିତ୍ୟ ହିଁ ସମାଜର ଦର୍ପଣ ସାଜି ସବୁକିଛି ପରିବର୍ତ୍ତନ କରିପାରିବ ବୋଲି ମତ ପ୍ରକାଶ ପାଇଥିଲା। ପ୍ରଗତିବାଦୀର କାର୍ଯ୍ୟକାରୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆର ସଦସ୍ୟ ପ୍ରସନ୍ନ ମହାନ୍ତି, ପୂର୍ବତଟ ରେଳପଥ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସ, ସାହିତ୍ୟିକା ବିଜୟଲକ୍ଷ୍ମୀ ମହାନ୍ତି, ଇସ୍ରୋର ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ବିପନ୍ନଙ୍କୁ ରିଲିଫ ବଣ୍ଟନ

ପୁରୁଣା ଭୁବନେଶ୍ୱର,୨୩।୮(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ଟିକରପଡ଼ା ପଞ୍ଚାୟତର କଲ୍ୟାଣପୁର ହରିଜନସାହି ବନ୍ୟାପାଣି ଘେରରେ ରହିଛି। ମଙ୍ଗଳବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉକ୍ତ ସାହିରେ ପହଞ୍ଚି ୬୦ ପରିବାରଙ୍କୁ ରନ୍ଧା ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉକ୍ତ ଅଞ୍ଚଳ ପରିଦର୍ଶନ କରି ବିପନ୍ନଙ୍କ ସମସ୍ୟା ବୁଝିଥିଲେ। ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବର୍ଦ୍ଧିତ ମଜୁରି ପ୍ରତିଶ୍ରୁତି ମିଳିଲା

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

**ଆନ୍ଦୋଳନରୁ ଓହରିଲେ ସଫେଇ କର୍ମଚାରୀ**
- ଆଜିଠାରୁ କାମକୁ ଫେରିବେ
- ୩ ଦିନ ଧରି ଚାଲିଥିଲା ଆନ୍ଦୋଳନ

ବିଏମ୍‌ସି, ରାମ୍‌କୀ ଏବଂ ସଫେଇ କର୍ମଚାରୀଙ୍କ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ହୋଇଛି। ଏହି ତିନିପକ୍ଷ ମଧ୍ୟରେ ଆଲୋଚନା ସଫଳ ହେବା ପରେ ଆନ୍ଦୋଳନରୁ ଓହରି କାମକୁ ଫେରିବାକୁ ରାଜି ହୋଇଛନ୍ତି ସଫେଇ କର୍ମଚାରୀ। ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ନିଜ ନିଜ ଜିଦ୍‌ରେ ଅଡ଼ିବସିଥିବା ସଂସ୍ଥା ଏବଂ କର୍ମଚାରୀଙ୍କ ମଧ୍ୟରେ ଶେଷରେ ଆପୋଷ ବୁଝାମଣା ହୋଇଛି। ଆଲୋଚନା ପରେ ରାମ୍‌କୀ କର୍ମଚାରୀମାନଙ୍କୁ ୩୨୬ଟଙ୍କା ଦୈନିକ ମଜୁରୀ ଦେବାକୁ ରାଜି ହୋଇଛି। ଫଳରେ ବୁଧବାରଠାରୁ ସଫେଇ କର୍ମଚାରୀମାନେ ପୁଣି କାମ ଆରମ୍ଭ କରିବେ। ଦିଲ୍ଲୀରୁ ସଂସ୍ଥାର ମାନବ ସମ୍ବଳ ଅଧିକାରୀ ଭୁବନେଶ୍ୱର ଆସିବା ପରେ ମଙ୍ଗଳବାର ସନ୍ଧ୍ୟାରେ ବିଏମ୍‌ସି ଅଧିକାରୀଙ୍କ ସହ କାର୍ଯ୍ୟାଳୟରେ ଆଲୋଚନା ହୋଇଥିଲା। ଏହାପରେ ସଂସ୍ଥା ଏବଂ ବିଏମ୍‌ସି ସଫେଇ ମଜଦୁର ସଂଘ ସହିତ ଆଲୋଚନା କରିଥିଲା। ସଂସ୍ଥା ସଂଘର ଦାବି ପୂରଣ କରିବାକୁ ରାଜି ହୋଇଥିବାରୁ ସଫେଇ କାମ ପୁନର୍ବାର ଆରମ୍ଭ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ସହଦେବ ନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାମ୍‌କୀ ଅଧୀନରେ ଥିବା ସଫେଇ କର୍ମଚାରୀମାନେ ସର୍ବନିମ୍ନ ମଜୁରୀ ବୃଦ୍ଧି ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ୧୫, ୨୨, ୨୪, ୨୫, ୨୭, ୩୭, ୩୮, ଏବଂ ୩୯ ମୋଟ ୮ଟି ୱାର୍ଡରେ ସୋମବାର ଠାରୁ ସଫେଇ ବନ୍ଦ ରହିଥିଲା। ଫଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସହିତ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ମଙ୍ଗଳବାର ୱାର୍ଡ ନଂ ୨୭କୁ ମେୟର ସୁଲୋଚନା ଦାସ ଆସି ସଫେଇ କର୍ମଚାରୀମାନଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। ମାତ୍ର ବର୍ଦ୍ଧିତ ମଜୁରୀ ୭ଦିନ ମଧ୍ୟରେ ପ୍ରଦାନ କରିବାକୁ ଲିଖିତ ଆକାରରେ ଦେବାକୁ କର୍ମଚାରୀମାନେ ଦାବି କରିଥିଲେ। ଲେଖା ଆକାରରେ କିଛି ଦେଇ ହେବନାହିଁ ମେୟର କହିବା ପରେ ମଜୁରୀ ବୃଦ୍ଧି କରା ନ ଗଲେ କାମ ଆରମ୍ଭ ହେବ ନାହିଁ ବୋଲି ସେମାନେ ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୮ଟି ୱାର୍ଡରେ ଥିବା ସଫେଇ କର୍ମଚାରୀମାନେ ନିଜ ନିଜ ୱାର୍ଡ ଅଫିସ ଆଗରେ ଧାରଣା ଦେଇଥିଲେ। ଅଳିଆ ଗଦା ହୋଇ ରହିବାରୁ ୱାର୍ଡ ନଂ ୨୭ ଓ ୩୯ରେ ସଂସ୍ଥା ଦ୍ୱାରା ଲୁଚାଛପାରେ ଟ୍ରାକ୍ଟର ଲଗାଇ ସଫେଇ କାମ କରାଯାଉଥିଲା। ଏ ନେଇ ସୂଚନା ପାଇବା ପରେ ସମ୍ପୃକ୍ତ ୱାର୍ଡର ସଫେଇ କର୍ମଚାରୀମାନେ ଏହାକୁ ବିରୋଧ କରିଥିଲେ। ଏଥିସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ତେବେ ଶେଷରେ ସଂଘର ଦାବି ଆଗରେ ସଂସ୍ଥାକୁ ନଇଁବାକୁ ପଡ଼ିଛି। ବିବାଦ ତୁଟିଥିବାରୁ ବୁଧବାରଠାରୁ ସଫେଇ କାର୍ଯ୍ୟ ପୁଣି ସ୍ୱାଭାବିକ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।


ବର୍ଦ୍ଧିତ ମଜୁରି ପ୍ରଦାନ ଦାବିରେ ସଫେଇ କର୍ମଚାରୀମାନେ ମଙ୍ଗଳବାର ଧାରଣାରେ ବସିଛନ୍ତି।


ଆଇଗିଣିଆ ଅଞ୍ଚଳରେ ବେଆଇନ ଭାବେ ଥିବା ଦୋକାନକୁ ଉଚ୍ଛେଦ କରାଯାଉଛି।

# ଭଙ୍ଗାଗଲା ବେଆଇନ ଶେଡ୍, ଦୋକାନ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

**ଅଶୋକ ନଗର, ଆଇଗିଣିଆରୁ ଜବରଦଖଲ ଉଚ୍ଛେଦ**

ରାଜଧାନୀର ବିଭିନ୍ନ ଅଞ୍ଚଳରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମିଳିତ ଭାବେ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲିଛି। ମଙ୍ଗଳବାର ଅଶୋକନଗର ଏବଂ ଆଇଗିଣିଆଠାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଅଶୋକନଗର (ଫାଳିକିଆ ବସ୍ତି)ର ପ୍ଲଟ୍ ନଂ. ୧୨୯୧, ୧୨୯୨, ୧୩୬୮, ୧୪୩୪ରୁ ଜବରଦଖଲ ହଟାଯାଇଛି। ଏଥିରେ ୭ଟି ଟିଣଶେଡ୍, ୫ଟି ପଲିଥିନ୍ ଶେଡ୍‌କୁ ଭଙ୍ଗାଯାଇଛି। ଏହି ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଲିଆସନ୍ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, କ୍ୟାପିଟାଲ ଥାନା ଆଇଆଇସି ପଦ୍ମନାଭ ପ୍ରଧାନଙ୍କ ସମେତ ବିଡିଏ ଏବଂ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, ୧ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଏବଂ ୧ ସେକ୍ସନ ମହିଳା ପୋଲିସ ଉପସ୍ଥିତ ଥିଲେ। ସେହିପରି ଆଇଗିଣିଆ ଅଞ୍ଚଳରେ ମଧ୍ୟ ବିଏମ୍‌ସି ଏବଂ ବିଡିଏ ପକ୍ଷରୁ ଜବରଦଖଲ ହଟାଯାଇଥିଲା। ବିଶେଷକରି ରାସ୍ତାକଡ଼, ଫୁଟ୍‌ପାଥକୁ ମାଡ଼ିଆସିଥିବା ଓ ଡ୍ରେନ ଉପରେ ନିର୍ମିତ ହୋଇଥିବା ଦୋକାନଗୁଡିକୁ ଭଙ୍ଗାଯାଇଥିଲା।

# ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ସ୍ଥାନୀୟ ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ୫ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ଶିବିରରେ ଓଡ଼ିଆ ଭାଷାର ସମ୍ପାଦନା, ବନାନ ଶୁଦ୍ଧି, ପ୍ରୁଫ ସଂଶୋଧନ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ପ୍ରତିଷ୍ଠାନର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ନିର୍ଦ୍ଦେଶକ ଦାସ କହିଛନ୍ତି, ଓଡ଼ିଆ ଆମର ମାତୃଭାଷା। ଆମର ଭାଷା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ। ଏହି ଭାଷାର ବିକାଶରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା କାମନା କରିବା ସହ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଗୌରାଙ୍ଗ ଚରଣ ଦାଶ ଓ ସରୋଜ ରଞ୍ଜନ ମହାନ୍ତି ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ମଙ୍ଗଳବାର ଦ୍ୱିତୀୟ ଦିବସରେ ପ୍ରଶିକ୍ଷକ ଭାବେ ପ୍ରଫେସର ମୃଣାଳ ଚାଟାର୍ଜୀ ଏବଂ ବାଉରୀବନ୍ଧୁ ସାହୁ ଯୋଗଦେଇଥିଲେ। ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ଡ. ପ୍ରେମାନନ୍ଦ ମହାପାତ୍ର ଏବଂ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଶିବିର ସଂଚାଳନ କରିଥିଲେ। ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଶିବିର ଚାଲୁଛି। ଅଗଷ୍ଟ ୨୬ରେ ଏହା ଶେଷ ହେବ।

# ଗୁରୁତର ରାଜେଶଙ୍କ ମୃତ୍ୟୁ

ଭୁବନେଶ୍ୱର, (ବ୍ୟୁରୋ) ୨୩।୮:

**ରାଜଧାନୀରେ ବୋମାମାଡ଼ ଘଟଣା**
- ଅଭିଯୁକ୍ତ ଅକ୍ଷୟ ସାହୁଙ୍କୁ ଖୋଜୁଛି ପୋଲିସ
- ମାମଲାରେ ଯୋଡ଼ାହେଲା ହତ୍ୟା ଦଫା


ମୃତ ରାଜେଶ ସାହୁ ଅଭିଯୁକ୍ତ ଅକ୍ଷୟ ସାହୁ

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପଞ୍ଚୁପଲି ମାଳି ସାହି ବୋମାମାଡ଼ ଘଟଣାରେ ଗୁରୁତର ରାଜେଶ ସାହୁ ଓରଫ ରାଜୁଙ୍କର ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ତାଙ୍କୁ ଭରତପୁର ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ମଙ୍ଗଳବାର ପୋଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ରାଜେଶଙ୍କ ପରିବାରକୁ ହସ୍ତାନ୍ତର କରିଛି। ତେବେ ଏହି ଘଟଣାରେ ଅକ୍ଷୟଙ୍କ ନାମରେ ରୁଜୁ ହୋଇଥିବା ମାମଲା (ନଂ. ୨୧୦/୨୦୨୨)ରେ ହତ୍ୟା ମାମଲା ଯୋଡ଼ି ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣା ପରେ ଅକ୍ଷୟ ସ୍ଥାନୀୟ ଅଞ୍ଚଳ ଛାଡ଼ି ଫେରାର ହୋଇଯାଇଛନ୍ତି। ପୋଲିସ ତାଙ୍କ ପରିବାରଲୋକଙ୍କୁ ପଚରାଉଚରା କରୁଛି। ଅକ୍ଷୟଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବା ଏୟାରଫିଲ୍ଡ ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ଅନ୍ୟପକ୍ଷରେ ବୋମା ପକାଇ ଆତଙ୍କ ସୃଷ୍ଟି କରିଥିବା ଅକ୍ଷୟ ପୂର୍ବରୁ ଏକାଧିକ ଆପରାଧିକ ମାମଲାରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ। ତେବେ ବୋମାମାଡ଼ ଘଟଣାର ୨ଦିନ ପରେ ବି ତାଙ୍କୁ ଧରି ନ ପାରିବା କମିଶନରେଟ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଛିଡ଼ା କରିଛି। ଅକ୍ଷୟଙ୍କୁ ଖୁବଶୀଘ୍ର ଗିରଫ କରିବାକୁ ରାଜେଶଙ୍କ ପରିବାର ଲୋକେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ରବିବାର ବିଳମ୍ବିତ ରାତିରେ ଅକ୍ଷୟ ପ୍ରଥମେ ଏକ ବୋମା ଫିଙ୍ଗି ଆତଙ୍କ ସୃଷ୍ଟି କରିଥିଲେ। ଶବ୍ଦ ହେବାରୁ ସ୍ଥାନୀୟ ଲୋକେ ବାହାରକୁ ଚାଲିଆସିଥିଲେ। ଲୋକେ ତାଙ୍କୁ କାବୁ କରିବାକୁ ଯିବାବେଳେ ଅକ୍ଷୟ ଦୌଡ଼ିବା ସହ ଆଉ ଏକ ବୋମା ଫିଙ୍ଗିଥିଲେ। ନିକଟରେ ଛିଡ଼ା ହୋଇଥିବା ରାଜେଶଙ୍କ ଦେହରେ ଉକ୍ତ ବୋମା ପଡ଼ିଥିଲା। ଫଳରେ ରାଜେଶ ଗୁରୁତର ହୋଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାଜେଶଙ୍କୁ ଉଦ୍ଧାର କରି ଏମ୍ସ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅନ୍ୟପଟେ ଅକ୍ଷୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ଦିବ୍ୟାଙ୍ଗ ଉଠାଦୋକାନୀଙ୍କ ପାଇଁ ସ୍ଥାନ ଚିହ୍ନଟ

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

ୟୁନିଟ-୨ ମାର୍କେଟ୍ ବିଲ୍ଡିଂ ଅଞ୍ଚଳରୁ ସମସ୍ତ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ଏଥିରେ ଉଠାଦୋକାନୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। ତେବେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏଠାରେ ବ୍ୟବସାୟ କରି ଆସୁଥିବା ଦିବ୍ୟାଙ୍ଗ ବ୍ୟବସାୟୀମାନେ ଏହାଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଏନେଇ ଦିବ୍ୟାଙ୍ଗ ବ୍ୟବସାୟୀମାନେ ଗତ ୮ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଅଭିଯୋଗ ଜଣାଇଥିଲେ। ଏହାପରେ ସେମାନଙ୍କ ପାଇଁ ବିଏମସି ପକ୍ଷରୁ ପଦକ୍ଷେପ ନିଆଯାଇଛି। ମାର୍କେଟ ବିଲ୍ଡିଂ ଅଞ୍ଚଳରେ ଅନେକ ଦିନରୁ ବ୍ୟବସାୟ କରିଆସୁଥିବା ଦିବ୍ୟାଙ୍ଗ, ବିଶେଷ କରି ଦୃଷ୍ଟିହୀନ ଉଠାଦୋକାନୀଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ବିଏମସି ଅଧିକାରୀମାନେ ମଙ୍ଗଳବାର ସେମାନଙ୍କ ସହ ଆଲୋଚନା କରିଛନ୍ତି। ସେମାନେ ଯେପରି ବ୍ୟବସାୟ କରିପାରିବେ ସେଥିପାଇଁ ବିଏମସି ପକ୍ଷରୁ ସ୍ଥାନ ଚିହ୍ନଟ କରାଯାଇଛି। ୨୪ଜଣ ଦିବ୍ୟାଙ୍ଗ ବ୍ୟବସାୟୀଙ୍କୁ ମାର୍କେଟ ବିଲ୍ଡିଂ ନିକଟସ୍ଥ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବ୍ୟବସାୟ କରିବା ପାଇଁ ଅନୁମତି ମିଳିଛି।

ସୂଚାଯୋଗ୍ୟ, ସହରର ପ୍ରମୁଖ ମାର୍କେଟ ହୋଇଥିବାରୁ ଏଠାକୁ ପ୍ରତିଦିନ ଶହ ଶହ ଗ୍ରାହକ ଆସିଥାନ୍ତି। ସ୍ଥାୟୀ ବ୍ୟବସାୟୀଙ୍କ ବ୍ୟତୀତ ଉଠାଦୋକାନୀମାନେ ଏଣେତେଣେ ବସି ବ୍ୟବସାୟ କରିବା ଫଳରେ ଜନଗହଳି ତଥା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ସେହିପରି ପରିମଳ କ୍ଷେତ୍ରରେ ମଧ୍ୟ ବାଧା ସୃଷ୍ଟି ହେବା ସହ ସ୍ଥାୟୀ ଏବଂ ଅସ୍ଥାୟୀ ଦୋକାନୀଙ୍କ ମଧ୍ୟରେ ବାରମ୍ବାର ବିବାଦ ହେଉଥିଲା। ତେଣୁ ବିଏମ୍‌ସି ପକ୍ଷରୁ ଉଠାଦୋକାନୀମାନଙ୍କୁ ମାର୍କେଟରୁ ଉଠିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

# ବମିଖାଲ ପୂଜା ସମିତି ପକ୍ଷରୁ ମାଟି ଅନୁକୂଳ



ଭୁବନେଶ୍ୱର,୨୩।୮(ବ୍ୟୁରୋ)

ବମିଖାଲ ଦୁର୍ଗାପୂଜା ସମିତି ତରଫରୁ ଦୁର୍ଗାପୂଜା କରିବା ପାଇଁ ଜନ୍ମାଷ୍ଟମୀ ତିଥିରେ କୁଆଖାଇ ନଦୀରୁ ମା'ଙ୍କ ମୃଣ୍ମୟ ମୂର୍ତ୍ତି ଗଢ଼ିବା ପାଇଁ ମାଟି ଅନୁକୂଳ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ବିପିନ କୁମାର ଜେନା ଓ ମୁଖ୍ୟ ପୂଜକ ଭାବେ କୁନି ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ସମିତିର ମୁଖ୍ୟ ଉପଦେଷ୍ଟା ସୁକାନ୍ତ କୁମାର ପ୍ରଧାନ, ଜିମା ଜେନା, ସୃଜନ ଜେନା, ସମିତି ସଭାପତି ପ୍ରକାଶ ଚନ୍ଦ୍ର ଜେନା, ଉପସଭାପତି ମୃତ୍ୟୁଞ୍ଜୟ ଛୋଟରାୟ, ଅଲେଖ ପ୍ରଧାନ, ଶୈଳେନ୍ଦ୍ର ଜେନା, ବଣ୍ଟି ଜେନା, ସମ୍ପାଦକ ଅଜୟ ପ୍ରଧାନ, ସହସମ୍ପାଦକ ବଳରାମ ପରିଡ଼ା, ଆଦିତ୍ୟ ଜେନା, ଦୁର୍ଗାଶଙ୍କର ଜେନା, ପ୍ରଶାନ୍ତ ସାମନ୍ତରାୟ ଏବଂ କୋଷାଧ୍ୟକ୍ଷ କର୍ମବୀର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲ ସ୍ୱୀକୃତି ପ୍ରତ୍ୟାହାର, ଅଧ୍ୟକ୍ଷଙ୍କୁ ଗିରଫ ଦାବି

ଭୁବନେଶ୍ୱର, ୨୩।୮(ବ୍ୟୁରୋ):

**ପିଲାଙ୍କୁ ଗୋଟିଏ ରୁମ୍‌ରେ ବନ୍ଦ କରି ରଖିବା ଘଟଣା**

ଘାଟିକିଆସ୍ଥିତ ଏକ ଘରୋଇ ସ୍କୁଲ ପିଲାଙ୍କ ଫି' ବାକି ଥିବାରୁ ଗୋଟିଏ ରୁମ୍‌ରେ ବନ୍ଦ କରିବା ଘଟଣାକୁ ଓଡ଼ିଶା ଅଭିଭାବକ ମହାସଂଘ ନିନ୍ଦା କରିଛି। ଉକ୍ତ ସ୍କୁଲର ସ୍ୱୀକୃତି ପ୍ରତ୍ୟାହାର ସହିତ ତୁରନ୍ତ ସ୍କୁଲ ଅଧ୍ୟକ୍ଷଙ୍କୁ ଗିରଫ କରିବା ପାଇଁ ମହାସଂଘ ଦାବି କରିଛି। ମହାସଂଘର କହିବାନୁସାରେ, ସ୍କୁଲ ଫି' ପାଇଁ ପିଲାଙ୍କୁ ଦଣ୍ଡ ଦେବା ତ ଦୂର କଥା, ଆଦୌ ଏ ସମ୍ପର୍କରେ ଅବଗତ କରିପାରିବେ ନାହିଁ ବୋଲି ସ୍ପଷ୍ଟ ନିୟମ ରହିଛି। ଏନେଇ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକଙ୍କ ସହ ଯୋଗାଯୋଗ କରିପାରିବେ। ହେଲେ ସେଭଳି ନ କରି ପିଲାଙ୍କୁ ଏପରି ନିର୍ଯାତନା ଦେବା ଅତ୍ୟନ୍ତ ଅମାନବୀୟ, ନିନ୍ଦନୀୟ ଏବଂ ହୃଦୟହୀନ କାର୍ଯ୍ୟ। ପୂର୍ବରୁ ୨୦୧୫ରେ ଏବଂ ପରବର୍ତ୍ତୀ ସମୟରେ ୨୦୧୮ରେ ରାଷ୍ଟ୍ରୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ପକ୍ଷରୁ ଏ ନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ଏ ସଂକ୍ରାନ୍ତରେ ଏନ୍‌ସିପିସିଆର୍ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଜଣାଇଥିଲେ ଯେ, ସ୍କୁଲ ଫି' ନେଇ ଆଲୋଚନା କେବଳ ଅଭିବାକମାନଙ୍କ ସହ କରିବେ ଏବଂ ପିଲାଙ୍କଠାରୁ ଏହା ଦୂରେଇ ରଖିବେ। ଯଦି କୌଣସି ସ୍କୁଲ ଏହି ନିୟମର ଖିଲାପ କରନ୍ତି, ତେବେ ସେହି ସ୍କୁଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏନ୍‌ସିପିସିଆର୍ କହିଥିଲା। ଓଡ଼ିଶାରେ ବିଭିନ୍ନ ସମୟରେ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଏଭଳି ନିର୍ଯାତନା ଦିଆଯିବା ଘଟଣା ଦେଖାଯାଇଥିଲା। କେଉଁଠି ସ୍କୁଲ ଫି' ପାଇଁ ପିଲାଙ୍କୁ ସ୍କୁଲରୁ ବାହାର କରିଦିଆଯାଇଛି ତ ଆଉ କେଉଁଠି ସ୍କୁଲବସ୍‌ରୁ ଓହ୍ଲାଇଦେବା, ପରୀକ୍ଷାରୁ ବଞ୍ଚିତ ରଖିବା, ଅନ୍‌ଲାଇନ୍ କ୍ଲାସ୍‌ରୁ ବାଦ୍ ଦେବା ଭଳି ବହୁ ଅଭିଯୋଗର ନଜିର ରହିଛି। ତେବେ ଘାଟିକିଆସ୍ଥିତ ସ୍କୁଲରେ ପିଲାଙ୍କୁ ବନ୍ଦ ରୁମ୍‌ରେ ରଖି ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଭଳି ଘଟଣା ଘରୋଇ ସ୍କୁଲର ଔଦ୍ଧତ୍ୟକୁ ପଦାରେ ପକାଇଛି। ତେଣୁ ଏଭଳି ବେଆଇନ ଓ ଘୃଣ୍ୟ କାର୍ଯ୍ୟ କରିଥିବା ସ୍କୁଲର ସ୍ୱୀକୃତି ପ୍ରତ୍ୟାହାର ତଥା ସ୍କୁଲ ଅଧ୍ୟକ୍ଷଙ୍କୁ ଜଷ୍ଟିସ ଜୁଭେନାଇଲ ଆକ୍ଟର ଉଲ୍ଲଂଘନ ପାଇଁ ଗିରଫ କରାଯାଉ ବୋଲି ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଦାବି କରିଚନ୍ତି। ସରକାର ତୁରନ୍ତ ଏହି ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଆଗକୁ ଯଦି ଆଉ କୌଣସି ଘରୋଇ ସ୍କୁଲ ଏଭଳି ନିନ୍ଦନୀୟ କାର୍ଯ୍ୟ କରିବାର ଦେଖାଯାଏ, ତେବେ ଆନ୍ଦୋଳନ କରାଯିବ ବୋଲି ମହାସଂଘର ସହଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ କହିଛନ୍ତି।


ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଙ୍ଗଳବାର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟିକରପଡ଼ା କଲ୍ୟାଣପୁରରେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।


ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟିକରପଡ଼ା କଲ୍ୟାଣପୁରରେ ବନ୍ୟାଞ୍ଚଳ ପରିଦର୍ଶନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଅନ୍ୟମାନେ।


ପିଲାଙ୍କ ଫି' ବାକି ଥିବାରୁ ଗୋଟିଏ ରୁମ୍‌ରେ ବନ୍ଦ କରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ମଙ୍ଗଳବାର ଘାଟିକିଆସ୍ଥିତ ଏକ ଘରୋଇ ସ୍କୁଲ ଫାଟକ ସମ୍ମୁଖରେ ଅଭିଭାବକମାନେ ଆନ୍ଦୋଳନ କରୁଛନ୍ତି।

**ସାକ୍ଷୀଗୋପାଳଙ୍କ କାଳୀୟଦଳନ ବେଶ**

ସାକ୍ଷୀଗୋପାଳ,(ଡି.ଏନ୍.ଏ./ସ୍ୱ.ପ୍ର.): ସାକ୍ଷୀଗୋପାଳ ଠାକୁରଙ୍କ କାଳୀୟଦଳନ ବେଶ ନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ଠାକୁର ଛଦାଚରଣ ଶ୍ରୀଭୁଜ ଓ ଶ୍ରୀପୟର ଧାରଣ କରିଥିଲେ। ଦର୍ଜି ଓ ମଣ୍ଡଣୀ ସୁଆଁସିଆ ସେବକ ପ୍ରସ୍ତୁତ କରିଥିବା କାଳୀୟନାଗ ଠାକୁରଙ୍କ ଚତୁଃପାର୍ଶ୍ୱରେ ଲଗାଯାଇଥିବାବେଳେ ସପ୍ତଫେଣିନାଗ ଫାଶରେ ଠାକୁର ଦଣ୍ଡାୟମାନ ହୋଇ ଗୋଟିଏ ହାତରେ ସର୍ପର ଲାଞ୍ଜ ଧରି ବିଷଧରକୁ ନିୟନ୍ତ୍ରଣ କରୁଥିଲେ। ଦୈନନ୍ଦିନ ଦେବନୀତି ସହିତ ଗୋଧନ ବାହୁଡ଼ା ଭୋଗ ପରେ ସାକ୍ଷୀଗୋପାଳଙ୍କ ବିଜେ ପ୍ରତିମା ମଦନମୋହନ ଓ ଲବଣି ଚୋରା ଠାକୁର ବିମାନରେ ରଙ୍ଗଣି ସାହିସ୍ଥିତ ଲବଣିଖିଆ ମଣ୍ଡପକୁ ବିଜେ କରିଥିଲେ। ସେଠାରେ ମହାଭୋଇ କୁଳର କୂଳବଧୂ ଠାକୁରଙ୍କ ବନ୍ଦାପନା କରିଥିଲେ। ପରେ ଠାକୁର ବିମାନରେ ଯାଇ ରାଧାକୁଣ୍ଡକୁ ବିଜେ କରିଥିଲେ। ନୀତି ସମ୍ପନ୍ନ ପରେ ୩ଜଣ ସେବାୟତ ଶ୍ରୀକୃଷ୍ଣ ବେଶ, କାଳୀୟ ନାଗ ବେଶ ଓ ଗରୁଡ ବେଶ ଧାରଣ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୮।୨୦୨୨

| | |
|---|---|
| ୨,୯୦,୭୭୪ ଟଙ୍କା | |
| ସୁନା | ୧.୨୦୦ ଗ୍ରାମ |
| ରୁପା | ୬୭.୨୦୦ ଗ୍ରାମ |

# ସହାୟତା ଆଳରେ ପ୍ରଚାର ନ ହେଉ

**ସୋସିଆଲ ମିଡିଆରେ ଫଟୋ ପ୍ରତିଯୋଗିତା**

ପୁରୀ ଅଫିସ,୨୩।୮:

ପୁରୀ ଜିଲାର ଅଧିକାଂଶ ଅଞ୍ଚଳରେ ବନ୍ୟାର ବିଭୀଷିକା ଦେଖାଯାଇଥିବା ବେଳେ ଏବେ ବି ହଜାର ହଜାର ଲୋକ ବନ୍ୟାଜଳ ଘେରରେ ରହିବା ସହ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସମୟରେ ପ୍ରଶାସନ ପକ୍ଷରୁ ସହାୟତା ଦିଆଯାଉଥିବାବେଳେ ତାହା ମଧ୍ୟ ଠିକ୍ ସମୟରେ ସବୁସ୍ଥାନରେ ପହଞ୍ଚିପାରୁ ନ ଥିବା ଅଭିଯୋଗ ହେଉଛି। ଏଣୁ ଜଳବନ୍ଦୀରେ ଥିବା ବିପନ୍ନଙ୍କୁ ରାଜନୈତିକ ଦଳ ଓ ସାମାଜିକ ଅନୁଷ୍ଠାନମାନେ ସହାୟତାର ହାତ ବଢ଼ାଉଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ପଲିଥିନ ଇତ୍ୟାଦି ବାଣ୍ଟୁଛନ୍ତି। ହେଲେ ସହାୟତା ଦେବା ଆଳରେ ଦଳ ତଥା ଅନୁଷ୍ଠାନଗୁଡ଼ିକ ନିଜର ପ୍ରଚାର କରିବାରେ ଲାଗିଛନ୍ତି। ସାମଗ୍ରୀ ବଣ୍ଟନ ସମୟରେ ଫଟୋ ଉଠାଇବା ସହ ସୋସିଆଲ ମିଡିଆରେ ଫଟୋ ଶେୟାର କରୁଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରମୁଖ ରାଜନୈତିକ ଦଳ ନିଜ ନିଜର ନେତା ଓ ଦଳୀୟ କର୍ମୀଙ୍କୁ ଧରି ଗାଁ ଗାଁ ବୁଲୁଛନ୍ତି ଓ ଲୋକଙ୍କୁ ସହାୟତା କରୁଛନ୍ତି। କିନ୍ତୁ ଏହି ସହାୟତା ଧୀରେ ଧୀରେ ପ୍ରତିଯୋଗିତାରେ ପରିଣତ ହୋଇଛି। ଜଣଙ୍କୁ ଦେଖି ଆଉ ଜଣେ ସହାୟତା କରିବାକୁ ଆଗଭର ହେଉଛନ୍ତି। ବିଭିନ୍ନ ସାମାଜିକ ଅନୁଷ୍ଠାନ ତଥା ସଂଗଠନଗୁଡ଼ିକ ଲୋକଙ୍କ ପାଖରେ ପହଞ୍ଚି ସମସ୍ୟା ସମ୍ପର୍କରେ ଅବଗତ ହେଉଛନ୍ତି ଓ ତାହାର ସମାଧାନ ଦିଗରେ ଚେଷ୍ଟା କରୁଛନ୍ତି। ବ୍ଲକସ୍ତରରେ ଏଭଳି ସାମାଜିକ କର୍ମୀମାନଙ୍କୁ ସରକାରୀ ଅଧିକାରୀମାନେ ଡଙ୍ଗା ଯୋଗାଇ ଦେଉଛନ୍ତି। ଫଳରେ ବ୍ୟାପକ ଭାବେ ବନ୍ୟା ପ୍ରଭାବିତ ଅଞ୍ଚଳରେ ମଧ୍ୟ ସହାୟତା ପହଞ୍ଚିପାରୁଛି। ହେଲେ ଏବେ କିଛି କିଛି ସ୍ଥାନରେ ରାଜନୈତିକ ଦଳମାନେ ନିଜର ଦଳୀୟ ପତାକାକୁ ଦେଖାଇ ବନ୍ୟା ପ୍ରଭାବିତଙ୍କୁ ସହଯୋଗ କରୁଥିବା ଚିତ୍ର ସାମ୍ନାକୁ ଆସିଛି। ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ସାଧାରଣ ଲୋକେ ପ୍ରତିକ୍ରିୟାଶୀଳ ହେଉଛନ୍ତି। ଗଣମାଧ୍ୟମରେ ଲୋକେ ପୋଷ୍ଟ କରି ଲେଖୁଛନ୍ତି, ବନ୍ୟାଞ୍ଚଳରେ ସହାୟତା ପ୍ରଦାନ କରିବା ବେଳେ ରାଜନୈତିକ ଦଳମାନେ ନିଜ ଦଳର ପତାକାକୁ ଦେଖାନ୍ତୁ ନାହିଁ। ଅସୁବିଧାରେ ଥିବା ଲୋକ ସହାୟତା ଚାହୁଁଛି, ଏହି ସମୟରେ ରାଜନୀତି କରାଯିବା ଉଚିତ ନୁହେଁ। ସେହିଭଳି ରାଜନୈତିକ ଦଳର କର୍ମୀମାନେ ସୋସିଆଲ ମିଡିଆରେ ଲାଇଭ୍ କରି ନିଜ ନେତାଙ୍କ ପ୍ରଚାର ପ୍ରସାର କରିବା ବନ୍ଦ କରନ୍ତୁ। ବିନା ସ୍ୱାର୍ଥରେ ସହାୟତା କରାଯାଉ ବୋଲି ସୋସିଆଲ ମିଡିଆରେ ୟୁଜର୍ସମାନେ ଲେଖୁଛନ୍ତି। ଅନ୍ୟପକ୍ଷେ ଅନେକ ସାମାଜିକ ଅନୁଷ୍ଠାନ ବନ୍ୟା ପ୍ରଭାବିତଙ୍କ ପାଇଁ ଶୁଖିଲା ଖାଦ୍ୟ ଏକାଠି କରିବା ଉଦ୍ଦେଶ୍ୟରେ କ୍ରାଉଡ୍ ଫଣ୍ଡିଂ କରି ସୋସିଆଲ ମିଡିଆରେ ବିଜ୍ଞାପନ ଦେଉଛନ୍ତି। ଜଣେ ବ୍ୟକ୍ତି କୌଣସି ଅନୁଷ୍ଠାନକୁ ସହଯୋଗ କରିବା ବେଳେ କାହାକୁ ଟଙ୍କା ଦେଉଛି ଓ ଏହା ବନ୍ୟା ପ୍ରଭାବିତଙ୍କ ସ୍ୱାର୍ଥରେ ନିୟୋଜିତ ହେଉଛି କି ନାହିଁ ସେନେଇ ପ୍ରଥମେ ନିଶ୍ଚିତ ହୁଅନ୍ତୁ ବୋଲି ଆଇନଜୀବୀ ଶରତ ରାୟଗୁରୁ ମତପ୍ରକାଶ କରିଛନ୍ତି।



ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ନଷ୍ଟ ହୋଇଯାଇଥିବା ଫସଲକୁ ଚାଷୀମାନେ ଦେଖାଉଛନ୍ତି ।

## ଉଜୁଡ଼ିଲା ଫସଲ, ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ଦାବି

ଅସ୍ତରଙ୍ଗ,୨୩।୮

ଅସ୍ତରଙ୍ଗ ବ୍ଲକରେ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ ଚାଷୀଙ୍କ ଦୁର୍ଦ୍ଦଶା ଏବେ ବଢ଼ିବାରେ ଲାଗିଛି। ଖରିଫ ଋତୁରେ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିବାରୁ ରୁଆ ଧାନରେ ପଟୁ ଲାଗିଥିବାରୁ ଧାନ ଗଛ ସଢ଼ିବାରେ ଲାଗିଛି। ଏଥର ଧାନ ଚାଷକୁ ନେଇ ସନ୍ଦେହରେ ପଡିଛନ୍ତି ସ୍ଥାନୀୟ ଚାଷୀ। ବର୍ଷକ ପାଇଁ ପରିବାର ପୋଷଣ କେମିତି କରିବେ ସେ ଚିନ୍ତାରେ ଅଛନ୍ତି। ଏଭଳି ସ୍ଥିତିରେ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବା ପାଇଁ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା ଓ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କ ନିକଟରେ ଚାଷୀମାନେ ଦାବି କରିଛନ୍ତି। ବନ୍ୟା ପ୍ରଭାବରେ ପନିପରିବା ଚାଷ ଜମିରେ ବନ୍ୟାଜଳ ଥିବାରୁ ଫସଲ ଏକ ପ୍ରକାର ନଷ୍ଟ ହୋଇଗଲାଣି। ଲଘୁଚାପ ଜନିତ ବର୍ଷା ଯୋଗୁ ପାନ ବରଜ ମଧ୍ୟ ପ୍ରଭାବିତ ହୋଇଛି। ସଂଗୃହୀତ ତଥ୍ୟ ଆଧାରରେ ଅସ୍ତରଙ୍ଗ ବ୍ଲକର ୭ଟି ପଞ୍ଚାୟତରେ ୪୭୨ ହେକ୍ଟର ଚାଷ ଜମି(ପରିବା ଚାଷଜମି ବ୍ୟତୀତ) ପ୍ରଭାବିତ ହୋଇଛି। ଏଭଳିସ୍ଥିତିରେ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ ଆଗକୁ ବାହାରି ଆସିଛନ୍ତି ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଜନ ପ୍ରତିନିଧି। ନିକଟରେ ରାଜସ୍ୱ ମନ୍ତ୍ରୀ ବନ୍ୟା ପରିସ୍ଥିତି ପାଇଁ ପୁରୀର ବିଭିନ୍ନ ବ୍ଲକ ପରିଦର୍ଶନ ସମୟରେ ଏହି ଜନ ପ୍ରତିନିଧିମାନେ ସମସ୍ୟା ସମ୍ପର୍କରେ ଜଣାଇବା ସହ ସ୍ୱତନ୍ତ୍ର ପ୍ୟାକେଜ ପାଇଁ ଦାବି କରିଥିଲେ। ଅସ୍ତରଙ୍ଗ ବ୍ଲକର ବେଗୁନିଆବନ୍ଧ, ଆଳଙ୍ଗପୁର, ଅଠତିରା, ଝରିଆ, ବରଡି, ସାଏଙ୍ଗ ପାଟଣା, ମାଣ୍ଡୁକି, ସିଲାରୀ, ନାଗପୁର,ବରାଙ୍ଗ, ଅନନ୍ତା ପ୍ରଭୃତି ଗ୍ରାମରେ ପରିବା ଚାଷୀ ଅଧିକ ଥିବାବେଳେ ଅଧିକାଂଶ ନଷ୍ଟ ହୋଇଯାଇଛି। ଏପରିକି କୁକୁଡ଼ା, ଗୋପାଳନ ଓ ମାଛ ଚାଷୀମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କୃଷି ବିଭାଗ, ଉଦ୍ୟାନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି। ତାଳଦା ଓ ନଗର ପଞ୍ଚାୟତ ଚଳିତ ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି।

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ପୁରୀ ଅଫିସ,୨୩।୮ - ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାଲିନୋଳିଆ ସାହି ନିକଟ ଦେଉଳି ସାହିର ବି.କାହ୍ନୁ ଓରଫ କାଲୁ(୩୪)। ଏ ନେଇ ପୋଲିସ ନଂ. ୧୮୭/୨୨ ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୧୯ ତାରିଖ ରାତିରେ ଜଣେ ୩୨ ବର୍ଷୀୟା ମହିଳା ଆସି ଥାନାରେ ଅଭିଯୋଗ କରିଥିଲେ କି, ୧୭ ତାରିଖ ସନ୍ଧ୍ୟା ପ୍ରାୟ ୫ଟା୩୦ରେ ବିଦ୍ୟୁତ୍ କାର୍ଯ୍ୟାଳୟରୁ ତାଙ୍କ ଘରକୁ ରାସ୍ତାରେ ଯାଉଥିବା ସମୟରେ ସୁଭାଷ ବୋଷ ଛକ ନିକଟରେ ଅଭିଯୁକ୍ତ ଜଣଙ୍କ ନିକଟକୁ ଆସି ତାଙ୍କୁ ବାଇକ୍‌ରେ ଘରେ ଛାଡ଼ିଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିରେ ସେ ରାଜି ହୋଇ ନ ଥିଲେ। ଅଭିଯୁକ୍ତ ବାରମ୍ବାର ଅନୁରୋଧ କରିବା ପରେ ତାଙ୍କ ସହିତ ଗାଡ଼ିରେ ଯାଇଥିଲେ। ତେବେ ପେଣ୍ଠକଟା ନିକଟରେ ବ୍ୟକ୍ତି ଜଣଙ୍କ କିଛି କାମ ଅଛି କହି ଗାଡ଼ି ରଖି କେଉଁଆଡ଼େ ଯାଇଥିଲେ। କିଛି ସମୟ ପରେ ଆସି ତାଙ୍କୁ ଏକ ମୃଦୁ ପାନୀୟ ପିଇବାକୁ ଅନୁରୋଧ କରିଥିଲେ। ତେବେ ସେ ପିଇବାକୁ ଅମଙ୍ଗ କରିବାରୁ ତାଙ୍କୁ ବଳପୂର୍ବକ ଥଣ୍ଡା ପାନୀୟ ପିଆଇଥିଲେ। ମହିଳା ଥଣ୍ଡା ପିଇ ଅସୁସ୍ଥ ଅନୁଭବ କରିବାରୁ ଅଭିଯୁକ୍ତ ଏକ ହୋଟେଲକୁ ନେଇ ବଳାତ୍କାର କରିଥିଲେ। ଏ ନେଇ ପରେ ମହିଳା ଥାନାରେ ଅଭିଯୋଗ କରିବାରୁ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ବଟି ଆଦାୟ ଅଭିଯୋଗ, ଅପରାଧୀ ଗିରଫ

ପୁରୀ ଅଫିସ,୨୩।୮ - ଦାଦାବଟି ଆଦାୟ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ପୁରୀ ସହରର କୁଖ୍ୟାତ ଅପରାଧୀ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଟାଉନଥାନା ଅନ୍ତର୍ଗତ ଧାନକୁଟି ସାହିର ଧୀରେନ୍ଦ୍ର ନାଥ ବରାଳ ଓରଫ ପପୁ ବରାଳ (୪୫)। ପୋଲିସ ତାଙ୍କଠାରୁ ଗୋଟିଏ ଖଣ୍ଡା ଏବଂ ନଗଦ ୩୨୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ. ୧୯୦/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସମୁଦ୍ରକୂଳ ଥାନା ପୋଲିସ ପକ୍ଷରୁ ସୋମବାର ରାତିରେ ସମୁଦ୍ରକୂଳ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବିଶେଷ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା ଯେ, ପପୁ ସ୍ୱର୍ଗଦ୍ୱାର ନିକଟରେ ସ୍ଥାନୀୟ ଦୋକାନୀ, ହୋଟେଲ ଏବଂ ଲଜ୍ ଠାରୁ ବଟି ମାଗିଛୁ। ପୋଲିସ ତୁରନ୍ତ ସେଠାରେ ଚଢାଉ କରି ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ତେବେ ପପୁଙ୍କ ବିରୋଧରେ ପୂର୍ବରୁ ହତ୍ୟା ଉଦ୍ୟମ, ବଟି ଆଦାୟ, ଗୁଳିକାଣ୍ଡ ସହ ବିଭିନ୍ନ ଆପରାଧିକ ମାମାଲାରେ ସମ୍ପୃକ୍ତ ଥିଲା। କିଛିଦିନ ତଳେ ପପୁ ଜେଲରୁ ଆସିଥିଲେ।

### ନାବାଳିକାଙ୍କୁ ଅସଦାଚରଣ, ଜଣେ ଗିରଫ

ସାକ୍ଷୀଗୋପାଳ,୨୩।୮(ଡି.ଏନ୍.ଏ./ସ୍ୱ.ପ୍ର.):

ସତ୍ୟବାଦୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୪୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ନାବାଳିକାଙ୍କ ଘରେ କେହି ନ ଥିବାବେଳେ ଅଭିଯୁକ୍ତ ଏହାର ସୁଯୋଗ ନେଇ ଅସଦାଚରଣ କରିଥିଲେ। ପରେ ନାବାଳିକାଙ୍କ ପରିବାର ଲୋକ ଜାଣିବା ପରେ ବ୍ୟକ୍ତିଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଥିଲେ।



ବିଭିନ୍ନ ଦାବି ନେଇ ଶ୍ରୀଗୁଣ୍ଡିଚା ଭକ୍ତନିବାସର କର୍ମଚାରୀମାନେ ମଙ୍ଗଳବାର ଶ୍ରୀଗୁଣ୍ଡିଚା ଭକ୍ତନିବାସ ସମ୍ମୁଖରେ ଧାରଣା ଦେଇଛନ୍ତି ।

## ଶ୍ରୀଗୁଣ୍ଡିଚା ଭକ୍ତନିବାସ କର୍ମଚାରୀଙ୍କ କାର୍ଯ୍ୟବନ୍ଦ, ଧାରଣା

ପୁରୀ ଅଫିସ,୨୩।୮

ଶ୍ରୀଗୁଣ୍ଡିଚା ଭକ୍ତନିବାସ ପରିସରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ବିଭିନ୍ନ ଦାବି କରିବା ସହ ସମସ୍ୟାଗୁଡ଼ିକର ସମାଧାନ ଦାବି କରି ମଙ୍ଗଳବାର କାର୍ଯ୍ୟବନ୍ଦ କରି ଶ୍ରୀଗୁଣ୍ଡିଚା ଭକ୍ତନିବାସ ସମ୍ମୁଖରେ ଗଣଧାରଣା ଦେଇଥିଲେ। କର୍ମଚାରୀମାନଙ୍କ ଅଭିଯୋଗ ଅନୁଯାୟୀ ସେମାନଙ୍କୁ ଠିକ୍ ସମୟରେ ଓ ନିୟମିତ ଭାବରେ ଦରମା ମିଳୁନାହିଁ। ସେହିପରି କର୍ମଚାରୀମାନେ ଅନେକ ଦିନ ଧରି କାର୍ଯ୍ୟରତ ଥିଲେ ମଧ୍ୟ ସେମାନଙ୍କୁ ଇପିଏଫ, ଇଏସ୍ଆଇ ଓ ଏରିୟର ଆଦି ପ୍ରଦାନ କରାଯାଉ ନାହିଁ। ସେହିଭଳି ବର୍ଦ୍ଧିତ ଦରମା ଲାଗୁ କରାଯାଇଥିଲେ ମଧ୍ୟ କର୍ମଚାରୀମାନଙ୍କୁ ଉକ୍ତ ବର୍ଦ୍ଧିତ ଦରମା ଦିଆଯାଉ ନାହିଁ। ଏ ନେଇ ପ୍ରତିବାଦ ଓ ନିଜର ହକ୍ ଦାବି କଲେ ଚାକିରିରୁ ଛଟେଇ କରିଦେବା ପାଇଁ ଧମକ ଦିଆଯାଉଛି। ତେଣୁ କର୍ମଚାରୀମାନଙ୍କୁ ପ୍ରତ୍ୟେକ ମାସର ୧ରୁ ୧୦ ତାରିଖ ମଧ୍ୟରେ ଦରମା ପ୍ରଦାନ, ଇପିଏଫ୍, ଇଏସ୍ଆଇ, ଏରିୟର ଲାଗୁ କରିବା ସହ ବର୍ଦ୍ଧିତ ଦରମା ୩୨୬ ଟଙ୍କା ପ୍ରଦାନ କରିବାକୁ କର୍ମଚାରୀମାନେ ଦାବି କରି ଧାରଣା ଦେଇଥିଲେ। ଏହି ଘଟଣା ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ସୂଚନା ପାଇ ଜଣେ ବରିଷ୍ଠ ଅଧିକାରୀ ଘଟଣାସ୍ଥଳକୁ ଯାଇ କର୍ମଚାରୀମାନଙ୍କୁ ବୁଝାଶୁଝା କରିଥିଲେ। ପରେ କର୍ମଚାରୀମାନେ ଧାରଣା ପ୍ରତ୍ୟାହାର କରିବା ସହ କାମରେ ଯୋଗ ଦେଇଥିଲେ।

### ବସ୍‌କୁ ଧକ୍କା ଦେଲା ମୋ ବସ୍

ଗୋପ,୨୩।୮(ଡି.ଏନ.ଏ.)

ଗୋପ –କୋଣାର୍କ ରାସ୍ତାର ପାଟେଲିଆ ଛକ ନିକଟରେ ମଙ୍ଗଳବାର ସକାଳେ ଗୋଟିଏ ଯାତ୍ରୀବାହୀ ବସ୍ ହଠାତ୍ ବ୍ରେକ୍ ମାରିଦେବାରୁ ପଛରୁ ଆସିଥିବା ମୋ ବସ୍‌ଟି ତାକୁ ଧକ୍କା ଦେଇଛି। ଫଳରେ ଜଣେ ସାଢ଼େ ତିନି ବର୍ଷର ଶିଶୁକନ୍ୟା ଆହତ ହୋଇଥିଲା। ଖବରପାଇ ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ପହଞ୍ଚି ଆହତ ଶିଶୁକନ୍ୟାକୁ ଗୋପ ଡାକ୍ତରଖାନା ପଠାଇବା ସହ ୨ ବସ୍‌କୁ ଥାନାକୁ ଆଣିଥିଲେ। ମୋ ବସ୍ ଡ୍ରାଇଭର ଅନାଦି ଚରଣ ନାଥଙ୍କ ଅଭିଯୋଗକୁ ନେଇ ଏକ ନଂ.୩୦୧/୨୨ରେ ମାମଲା ରୁଜୁ କରିଥିଲେ। ପ୍ରକାଶ ଯେ, କିଛିଦିନ ଧରି ମୋ ବସ୍ ଚଳାଚଳକୁ ବିରୋଧ କରି ବେସରକାରୀ ବସ୍ ସଂଘ ମଧ୍ୟରେ ବିବାଦ ଚାଲିଛି। ଯାତ୍ରୀମାନେ ମୋ ବସ ସେବା ଅଧିକ କରିବାକୁ ଦାବି କରୁଥିବା ବେଳେ ବେସରକାରୀ ବସ୍‌ରେ ଯାତ୍ରୀ କମ୍ ଯାଉଛନ୍ତି। ଫଳରେ ବେସରକାରୀ ବସ୍ ଏବେ କ୍ଷତିରେ ଅଛନ୍ତି। ବେସରକାରୀ ବସ ସଂଘ ପକ୍ଷରୁ ମୋ ବସ ସେବାକୁ ବନ୍ଦ କରିବାକୁ ଦାବି କରିଛନ୍ତି। ତେବେ ମଙ୍ଗଳବାର ସକାଳେ ମୋ ବସ ନମ୍ବର ଓଡି ୩୩ରୁ ୯୩୧୦ ଭୁବନେଶ୍ୱରରୁ ଯାତ୍ରୀଙ୍କୁ ନେଇ କୋଣାର୍କକୁ ଯାଉଥିଲା। ମା ଗାୟତ୍ରୀ ନାମକ ଏକ ଘରୋଇ ବସ ଓ ଆର୍ ୦୨– ଏଜେ– ୬୦୩୪ ମଧ୍ୟ କୋଣାର୍କ ଯାଉଥିଲା। ମାତ୍ର ଏହି ବେସରକାରୀ ବସଟି ମୋ ବସ ଆଗରେ ଯିବାବେଳେ ହଠାତ୍ ଏକ ରାସ୍ତାରେ ବ୍ରେକ୍ ମାରିଦେଇଥିଲେ। ଫଳରେ ପଛରେ ଆସୁଥିବା ମୋ ବସ୍ ଉକ୍ତ ବସ୍‌କୁ ଧକ୍କା ଦେଇଥିଲା। ପରେ ବେସରକାରୀ ବସ୍‌ର କର୍ମଚାରୀମାନେ ମୋ ବସ ଡ୍ରାଇଭର ଓ ଅନ୍ୟ କର୍ମଚାରୀଙ୍କୁ ଗାଳିମନ୍ଦ କରିଥିଲେ। ଖବରପାଇ ଗୋପ ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ପହଞ୍ଚି ଗାଡ଼ି ଜବତ କରିବା ସହ ତଦନ୍ତ ଚଳାଇଛି।

## ୩୦ ତାରିଖ ସୁଦ୍ଧା ବନ୍ୟା କ୍ଷୟକ୍ଷତି ରିପୋର୍ଟ

ପୁରୀ ଅଫିସ,୨୩।୮:

ପୁରୀ ଜିଲା ବିଭିନ୍ନ ବ୍ଲକରେ ବନ୍ୟା କ୍ଷୟକ୍ଷତି ହୋଇଥିବା ବେଳେ ବିନା ଚାପ ଓ ନିରପେକ୍ଷତାର ସହ ଯୁଗ୍ମ ତଦନ୍ତ ଆଧାରରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ଜିଲାପାଳ ସମର୍ଥ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଜିଲାରେ ଚଳିତ ବନ୍ୟାରେ କ୍ଷୟକ୍ଷତିର ତଥ୍ୟ ପ୍ରଦାନ ନିମନ୍ତେ ସମସ୍ତ ବିଡିଓ, ତହସିଲଦାର, ଅନ୍ୟାନ୍ୟ ବିଭାଗୀୟ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନଙ୍କ ସହ ଭର୍ଚୁଆଲରେ ଏକ ବୈଠକ ହୋଇଯାଇଛି। ଜିଲାପାଳ ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି, ସମସ୍ତ ଅଧିକାରୀ ନିରପେକ୍ଷ ଭାବେ କାର୍ଯ୍ୟକରନ୍ତୁ ଓ ତାଲିକା ପ୍ରସ୍ତୁତ କରନ୍ତୁ। ସମସ୍ତ କ୍ଷୟକ୍ଷତି ଆକଳନ ଏସ୍ଆର୍‌ସିଙ୍କ ନିୟମ ମୁତାବକ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ଅଧିକାରୀଙ୍କ ଉପସ୍ଥିତିରେ ସ୍ୱଳ୍ପ ମିଆଦୀ ଧାନ ବିହନର ବ୍ୟବସ୍ଥା ପାଇଁ କହିଥିଲେ। ଆସନ୍ତା ୩୦ ତାରିଖ ସୁଦ୍ଧା ବନ୍ୟା କ୍ଷୟକ୍ଷତି ରିପୋର୍ଟ ଦେବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୁଗ୍ମ ତଦନ୍ତ ଆଧାରରେ ଏହା ଯାଞ୍ଚ କରାଯାଇ ଜିଲାପାଳଙ୍କ ସ୍ୱାକ୍ଷରରେ ଏସ୍ଆର୍‌ସିଙ୍କ କାର୍ଯ୍ୟାଳୟକୁ ପଠାଯିବ। ବୈଠକରେ ଅତିରିକ୍ତ ଜିଲାପାଳ ଦିଲୀପ ମହାପାତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ପୁରୀ ପୌରାଞ୍ଚଳ ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଜିତେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟରେ ଲାଗୁହେବ ‘ଓସ୍ୱାସ୍’

**ଇ-ଫାଇଲ୍, ଇ-ସିଗ୍‌ନେଚର କରିବେ ଅଧିକାରୀ**

ପୁରୀ ଅଫିସ,୨୩।୮:

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଶା ଷ୍ଟେଟ୍ ୱାର୍କ ଫ୍ଲୋ ଅଟୋମେଶନ୍ ସିଷ୍ଟମ(ଓସ୍ୱାସ୍) ମାଧ୍ୟମରେ କରାଯିବ। ଫଳରେ ସରକାରୀ ଫାଇଲଗୁଡ଼ିକ ତ୍ୱରାନ୍ୱିତ, ସହଜ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଶୁଣାଣି ହୋଇପାରିବ ବୋଲି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି। ମଙ୍ଗଳବାର ଜିଲା ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ଏନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇଛନ୍ତି। ସାଧାରଣ ଲୋକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଲେ ଅଭିଯୋଗ ପାଇଁ କାଗଜଲେଖା ଦରଖାସ୍ତ ଧରି ବୁଲିବାକୁ ପଡୁଛି। ସେହିଭଳି ସମ୍ପୃକ୍ତ କାଗଜ ଜିଲାପାଳଙ୍କ କାର୍ଯ୍ୟାଳୟର ନିର୍ଦ୍ଦିଷ୍ଟ ବିଭାଗରୁ ବିଭିନ୍ନ ବିଭାଗ ଦେଇ ଶେଷରେ ଜିଲାପାଳଙ୍କ ଦସ୍ତଖତ କିମ୍ବା ଦୃଷ୍ଟିଗୋଚର ହେବା ପାଇଁ ପହଞ୍ଚୁଛି। ଫଳରେ ସମୟ ଅପଚୟ ହେବା ସହ କାର୍ଯ୍ୟଦକ୍ଷତା ମଧ୍ୟ ପ୍ରଭାବିତ ହେଉଛି। ଏଣୁ ଜିଲା ପ୍ରଶାସନ ପ୍ରାଥମିକ ପର୍ଯ୍ୟାୟରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକୁ ‘ଓସ୍ୱାସ୍’ ମାଧ୍ୟମରେ କରିବାକୁ ଯାଉଛି। ଅର୍ଥାତ୍ ବିଭାଗ ବିଭାଗ ମଧ୍ୟରେ କର୍ମଚାରୀଙ୍କୁ ଫାଇଲ ନେଇ ଧାଁଦୌଡ଼ କରିବାକୁ ପଡ଼ିବ ନାହିଁ। ସମ୍ପୃକ୍ତ ଅପରେଟିଂ ସିଷ୍ଟମରେ ଇ–ଅଭିଯୋଗ ଦାଖଲ କରାଯିବ। ଅପରେଟିଂ ସିଷ୍ଟମକୁ ବ୍ୟବହାର କରି ଇ–ଫାଇଲକୁ ଅନ୍ୟ ବିଭାଗକୁ ପଠାଯିବ। ଏପରିକି ଅଧିକାରୀମାନେ ଅନଲାଇନ ଦସ୍ତଖତ କରିବେ। ଫଳରେ ସବୁ ଅଭିଯୋଗକୁ ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ଶୁଣାଯାଇପାରିବ ବୋଲି ସୂଚନା ମିଳିଛି। ମଙ୍ଗଳବାର ସମ୍ପୃକ୍ତ ପ୍ରଶିକ୍ଷଣ ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଦିଲୀପ ମହାପାତ୍ର, ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର ପାତ୍ର, ନିଜାରତ ଅଧିକାରୀ ପର୍ଶୁରାମ ମଲ୍ଲିକ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଭ୍ରାଂଶୁ ମହାରଣା ପ୍ରମୁଖ ଓସ୍ୱାସ୍ ବ୍ୟବସ୍ଥାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଓସ୍ୱାସର ରାଜ୍ୟ ସଂଯୋଜକ ରାକେଶ ସାହୁ ଓ ବିଜନେସ୍ ଆନାଲିଷ୍ଟ ନନ୍ଦ କୁମାର ଝା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡ଼ିଷ୍ଟ୍ରିକ୍ଟର ଇ–ଗଭର୍ନାନ୍ସ ମ୍ୟାନେଜର ପୀୟୁଷ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବନ୍ୟାଞ୍ଚଳରେ ୯ ସ୍ୱାସ୍ଥ୍ୟ ସେବା ଟିମ୍

ଗୋପ,୨୩।୮(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ଅଞ୍ଚଳରେ ବନ୍ୟାଜଳ କମିଥିବା ବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଛି। ତେଣୁ ବିପନ୍ନଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷା ରଖିବା ପାଇଁ ଗୋପ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୯ଟି ଟିମ ଗଠନ କରାଯାଇ ସେଥିରେ ୩୧ଜଣ ସ୍ୱାସ୍ଥ୍ୟକର୍ମୀ, ଡାକ୍ତରଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀ ସେବା ଯୋଗାଇ ଦେଉଛନ୍ତି। ପ୍ରକାଶ ଯେ, କୁଶଭଦ୍ରା ନଦୀର ବନ୍ୟା ଜଳରେ ଗୋପ ବ୍ଲକର ୯ ପଞ୍ଚାୟତର ୪୧ ଗାଁର ୨୯,୫୭୪ ଜଣ ବିପନ୍ନ ପାଣି ଘେରରେ ରହିଥିବା ବ୍ଲକ ପକ୍ଷରୁ କୁହାଯାଇଛି। ବିପନ୍ନଙ୍କ ନିକଟରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ପହଞ୍ଚି ରିଲିଫ୍ ଦେବା ସହ ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଜସ୍ମିନ ଆଫ୍ରୋଜଙ୍କ ନେତୃତ୍ୱରେ ୯ଟି ସ୍ୱାସ୍ଥ୍ୟ ସେବା ଟିମ ଏହି ବ୍ଲକର ସୁବର୍ଣ୍ଣପୁର, ଗଳଦରୀ, ଗଣେଶ୍ୱରପୁର, ଅଣ୍ଡରା–ଇଛାପୁର, ଓରୁଆଲି, ଖଣ୍ଡିଆକୁଦ, ଆମ୍ବଳିଅଣା, ନାଗପୁର ଯାଇ ସ୍ୱାସ୍ଥ୍ୟସେବା କରୁଛନ୍ତି। ବନ୍ୟା ଜଳରେ ଆକ୍ରାନ୍ତ ହୋଇ ଅଧିକାଂଶ ଲୋକ ଜ୍ୱର, ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ଅନ୍ୟପଟେ ସାପ କାମୁଡାରେ ଆକ୍ରାନ୍ତ ୧୩ଜଣଙ୍କୁ ଔଷଧ ଦିଆଯାଇ ସୁସ୍ଥ କରାଯାଇଛି। ୯ଜଣ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ୫ଜଣ ପ୍ରସୂତି ହୋଇଛନ୍ତି। ଏହି ବନ୍ୟା ଅଞ୍ଚଳରେ ଥିବା କିଶୋରୀଙ୍କୁ ୧୬୨୮ ସାନିଟାରି ଦିଆଯାଇଛି। କାର୍ଯ୍ୟକ୍ରମରେ ମନୋରଞ୍ଜନ ମହାନ୍ତି, ରାଜେଶ ପାଇକରାୟ, ସୁଶାନ୍ତ କୁମାର ରାଉତ, ଦମୟନ୍ତୀ ମହାରଣା, ସିଧାମୟୀ ବେହେରା, ଉଦୟ ପରିଡ଼ା, କୃତିବିଭା ମହାନ୍ତି, ସମ୍ପଦ ପ୍ରଧାନ, ସୌଭାଗିନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲାର ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼ କରିବାକୁ ଦାବି

**୧୦ ଦଫା ଦାବି ରଖିଲା ବାର୍ ଆସୋସିଏଶନ**

ପୁରୀ ଅଫିସ,୨୩।୮:

ପୁରୀ ବାର୍ ଆସୋସିଏଶନ ପକ୍ଷରୁ ମଙ୍ଗଳବାର କୋର୍ଟ ପରିସରରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇ ୧୦ଦଫା ଦାବି ଉପସ୍ଥାପିତ କରାଯାଇଛି। ବାର୍ ଆସୋସିଏଶନ୍‌ର ସଭାପତି ଓ ସମ୍ପାଦକଙ୍କ ଉପସ୍ଥିତିରେ ଆଇନଜୀବୀମାନେ ପୁରୀ ନ୍ୟାୟାଳୟ ବ୍ୟବସ୍ଥାରେ ଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଏ ନେଇ ଆସୋସିଏଶନ୍ ସଭାପତି ଜୟରାମ ବଢ଼ିଆ କହିଛନ୍ତି, ପୁରୀ ଜିଲାର ଚକବନ୍ଦୀ କୋର୍ଟ ଭାରତୀପୁର ପତିତପାବନ ନଗର ମଧ୍ୟରେ ଏକ ଅପହଞ୍ଚ ସ୍ଥାନରେ ରହିଛି। ଫଳରେ ଆଇନଜୀବୀ ଓ ସାଧାରଣ ଲୋକଙ୍କୁ କୋର୍ଟକୁ ଯିବା ପାଇଁ ନାନା ସମସ୍ୟା ହେଉଛି। ଏପରିକି ସେଠାକାର କାର୍ଯ୍ୟରତ କର୍ମଚାରୀମାନେ ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ଚକବନ୍ଦୀ କୋର୍ଟରୁ ଯେଉଁ କପି ଦିନକରେ ମିଳିବା କଥା, ତାହା ମିଳିବାକୁ ୬ ମାସ ସମୟ ଲାଗୁଛି। ଏଣୁ ଜିଲାର ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼ କରିବାକୁ ହେଲେ ସମ୍ପୃକ୍ତ କାର୍ଯ୍ୟାଳୟ ସହରକୁ ଆସିବା ଦରକାର ବୋଲି ଦାବି କରିଛନ୍ତି। ସେହିଭଳି ବନ୍ଦୋବସ୍ତ କୋର୍ଟ ମଧ୍ୟ ପୁରୀ ସହରକୁ ଆସିବା ଉଚିତ। ସମ୍ପ୍ରତି ଏହା ନୂଆନଈ ନିକଟସ୍ଥ ବାଲିଗୁଆଳିଠାରେ କାର୍ଯ୍ୟକ୍ଷମ ହେଉଛି। ଏହି ଦୁଇ କାର୍ଯ୍ୟାଳୟକୁ କଲେକ୍ଟୋରେଟ୍ କିମ୍ବା କୋର୍ଟ ନିକଟବର୍ତ୍ତୀ ଅଞ୍ଚଳରେ କରାଯିବା ନେଇ ଆସୋସିଏଶନ୍ ପକ୍ଷରୁ ଦାବି କରାଯାଇଛି। ଏହା ବ୍ୟତୀତ ଏକ ସ୍ଥାୟୀ ଭିଜିଲାନ୍ସ କୋର୍ଟରେ ବ୍ୟବସ୍ଥା କରାଯାଉ। ପୋକ୍ସୋ ଆକ୍ଟ ପାଇଁ ସର୍କିଟ କୋର୍ଟ ନିମାପଡ଼ାରେ କରା ନ ଯାଉ। ଏକ ସ୍ଥାୟୀ ଦେବୋତ୍ତର କମିଶନରଙ୍କ କୋର୍ଟ, ସିବିଆଇ କୋର୍ଟ ମଧ୍ୟ ପୁରୀ ସହରରେ ଖୋଲାଯାଉ ବୋଲି ଜିଲା ଆସୋସିଏଶନ ଦାବି ରଖିଛି।

ପୁରୀ ମଠ, ମନ୍ଦିରର ସହର ହୋଇଥିବା ହେତୁ ଏଠାରେ ଦେବୋତ୍ତର କମିଶନରଙ୍କ କୋର୍ଟ ନିହାତି ଆବଶ୍ୟକ। ଆଇନଜୀବୀମାନେ ବାରମ୍ବାର ଦେବୋତ୍ତର କମିଶନରଙ୍କ କୋର୍ଟରେ ଶୁଣାଣି ପାଇଁ ଭୁବନେଶ୍ୱର ଯାଉଛନ୍ତି। ପୁରୀରେ ଏଭଳି କୋର୍ଟ ପାଇଁ ସବୁ ବର୍ଗର ଦାବି ରହିଛି। ଏହାବ୍ୟତୀତ ଜିଲା ଓ ସେସନ୍ ଜଜ୍‌ଙ୍କୁ ମାନବାଧିକାର ଆଇନ ଅଧୀନ ମାମଲାର ଶୁଣାଣି ଅଧିକାର ପ୍ରଦାନ କରାଯାଉ ଓ ଏକ ବ୍ୟବସାୟିକ କୋର୍ଟର ବ୍ୟବସ୍ଥା ମଧ୍ୟ ପୁରୀରେ ହେଉ। ସେହିଭଳି ଏସ୍‌ଡିଜେଏମ୍ ଅଧୀନରେ କାର୍ଯ୍ୟରତ ୪ଟି ପ୍ରଥମ ଶ୍ରେଣୀ କୋର୍ଟକୁ ମଧ୍ୟ ବିନା କୌଣସି ଦ୍ୱିଧାରେ କାର୍ଯ୍ୟରତ ରଖାଯାଉ ବୋଲି ଆସୋସିଏଶନ୍ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆସୋସିଏଶନର ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ କହିଛନ୍ତି, ପୁରୀରେ ନ୍ୟାୟିକ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାର ସମୟ ଆସିଛି। ଭିଜିଲାନ୍ସ ଓ ସିବିଆଇ କୋର୍ଟରେ ଆବଶ୍ୟକ ଜରୁରୀ ହୋଇପଡ଼ିଛି। ଏଣୁ ଓକିଲ ସଂଘର ଏହି ଦାବିକୁ ମାନି ନିଅନ୍ତୁ। ଏହାଦ୍ୱାରା ପୁରୀ ଜିଲାର ଜନସାଧାରଣମାନେ ବ୍ୟାପକ ଭାବେ ଉପକୃତ ହେବେ। ଏ ନେଇ ବୁଦ୍ଧିଜୀବୀ ବଦ୍ରି ମିଶ୍ର କହିଛନ୍ତି, ଆଇନଜୀବୀମାନେ ପୁରୀର ବାସ୍ତବ ସମସ୍ୟାର ସମାଧାନ ପାଇଁ ଦାବି କରୁଛନ୍ତି। ପୁରୀ ଜିଲାର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସରକାର ଏନେଇ ବିଚାର କରିବା ଦରକାର।




ପୁରୀ ବାର୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଦସ୍ୟ ।

## ବାଲ୍ୟ ବିବାହ ନିରାକରଣ ସଚେତନତା ରଥକୁ ସ୍ୱାଗତ

ନିମାପଡ଼ା,୨୩।୮(ଡି.ଏନ୍.ଏ.):

ପୁରୀ ଜିଲା ପ୍ରଶାସନ ପକ୍ଷରୁ ବାହାରିଥିବା ବାଲ୍ୟ ବିବାହ ନିରାକରଣ ସଚେତନତା ରଥକୁ ମଙ୍ଗଳବାର ନିମାପଡ଼ାଠାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) କୁମୁଦିନୀ ମିଶ୍ର ସ୍ୱାଗତ କରିଛନ୍ତି। ସଚେତନତା ରଥ ନିମାପଡ଼ା, ସର୍ବପଡା, ଧୀରପୁର, ମୁଶୁନୁପୁର, ମୁସଲମାନ ବସ୍ତି, ମହାନ୍ତି ସାହି ପ୍ରମୁଖ ଅଞ୍ଚଳ ପରିଭ୍ରମଣ କରିବା ସହ ସଚେତନତା ବାର୍ତ୍ତା ବାଣ୍ଟିଥିଲା। ଏହି ଅବସରରେ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅତିଥି ଭାବେ ମିଶନ ଶକ୍ତି ଡିପିସି ଆରତୀ ସାହୁ ଏବଂ ସିଡିପିଓ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବାଲ୍ୟବିବାହ ଏକ ଅପରାଧ, ବାଲ୍ୟବିବାହ ନିରାକରଣ ଏହି ସଚେତନତା ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏନେଇ ସଭାରେ ଏକ ଶପଥପାଠ କରାଯାଇଥିଲା। ଶିଶୁମାନେ ବାଲ୍ୟ ବିବାହ ନିରାକରଣ ସମ୍ପର୍କରେ ସଙ୍ଗୀତ ଗାନ କରିଥିଲେ। ଏହି ସଭାରେ ଶିଶୁ ବିକାଶ ବିଭାଗର ସୁପରଭାଇଜର ନମିତା ନନ୍ଦ, ଦେବକୀ ସାହୁ, ସଂଯୁକ୍ତା ଉପାଧ୍ୟାୟ, ମୀନାକ୍ଷୀ ମଲ୍ଲିକ, ମହିଳା ମହାସଂଘର ସଭାପତି ସୌଦାମିନୀ ବେହେରା, ସମ୍ପାଦକ ମମତା ପାଇକରାୟଙ୍କ ସମେତ ବହୁ ମହିଳା, ଶିଶୁ, ଅଙ୍ଗନୱାଡିକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।




ପୁରୀ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ବାଲ୍ୟ ବିବାହ ନିରାକରଣ ସଚେତନତା ରଥକୁ ନିମାପଡାରେ ମହିଳାମାନେ ସ୍ୱାଗତ କରୁଛନ୍ତି ।

## ସଂକ୍ଷେପରେ

### ବାଇକ୍ ଚୋର ଗିରଫ



**ଜଟଣୀ,୨୩।୮(ଡି.ଏନ୍.ଏ.):** ବାଇକ୍ ଚୋରି ଅଭିଯୋଗରେ ଜଟଣୀ ଥାନା ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମ ବଡ଼ ମସଜିଦ୍ ଅଞ୍ଚଳର ବଣ୍ଟି ଓରଫ ସାବିଦ ଖାଁ (୨୫)। ତାଙ୍କ ନିକଟରୁ ଏକ ଚୋରି ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୯୯/୨୨) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି। ସୂଚନା ମୁତାବକ, ଗତ ୨୦ ତାରିଖରେ ଏହି ଥାନା ଅଧୀନ ଉପରବସ୍ତ ମୁଣ୍ଡଳିସାହିର ବିଜୟ କୁମାର ମହାରଣା ବାଇକରେ ଶ୍ରୀହରୀବିହାର ଅଞ୍ଚଳରେ ଥିବା ବନ୍ଧୁଙ୍କ ଘରକୁ ଯାଇଥିବା ବେଳେ ଗାଡ଼ି ବାହାରେ ରଖିଥିଲେ। କିଛି ସମୟ ପରେ ବାହାରକୁ ଆସି ଦେଖିବା ବେଳକୁ ତାଙ୍କ ବାଇକ୍ ପାଇ ନ ଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ମହିଳାଙ୍କୁ ଫୋନରେ ଦୁର୍ବ୍ୟବହାର

**ଟାଙ୍ଗୀ (ଖୋର୍ଦ୍ଧା),୨୩।୮(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଫୋନରେ ଜଣେ ବ୍ୟକ୍ତି ଦୁର୍ବ୍ୟବହାର କରିବା ସହ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୪୫୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମହିଳା ଜଣଙ୍କ ପିଲାଙ୍କ ପାଠପଢ଼ା ପାଇଁ ଚିଲିକା ବ୍ଲକ କାର୍ଯ୍ୟାଳୟ ନିକଟରେ ଏକ ଭଡ଼ା ଘରେ ରହୁଥିଲେ। କୌଣସି କାରଣକୁ ନେଇ ଜଣେ ବ୍ୟକ୍ତି ଫୋନରେ ଦୁର୍ବ୍ୟବହାର କରିବା ସହ ଧମକ ଦେଉଥିଲେ। ଏନେଇ ମହିଳା ଜଣଙ୍କ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ପୁଅଙ୍କ ନାଁରେ ଥାନାରେ ଅଭିଯୋଗ କରିଥିଲେ।

### ସ୍ୱାଧୀନ ଛାତ୍ର ରାଜ୍ୟ ଯୁଗ୍ମ ସମ୍ପାଦକ



**ବେଗୁନିଆ, ୨୩।୮ (ଡି.ଏନ୍.ଏ.):** ବିଜୁ ଜନତା ଦଳ ପକ୍ଷରୁ ନୂତନ ଭାବେ ଗଠନ ହୋଇଥିବା ଛାତ୍ର ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ଭାବେ ସ୍ୱାଧୀନ ପଣ୍ଡାଙ୍କୁ ପୁନର୍ବାର ମନୋନୀତ କରାଯାଇଛି। ପୂର୍ବରୁ ସେ ମଧ ଏହି ଦାୟିତ୍ୱ ତୁଲାଇଥିଲେ। ସ୍ୱାଧୀନଙ୍କୁ ବେଗୁନିଆର ଛାତ୍ର ସଙ୍ଗଠନ, ବୁଦ୍ଧିଜୀବୀ, ଦଳୀୟ କର୍ମକର୍ତ୍ତା ଓ ଯୁବ ସଙ୍ଗଠନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ୱାଧୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତ ରାୟ, ଦେବୀ ରଞ୍ଜନ ତ୍ରିପାଠୀ ଓ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୧୮,୭୭୦ ଗୃହପାଳିତ ପ୍ରାଣୀ ପ୍ରଭାବିତ

ଖୋର୍ଦ୍ଧା ଅଫିସ,୨୩।୮

ଖୋର୍ଦ୍ଧା ଜିଲାରେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ପ୍ରଶାସନର କ୍ଷୟକ୍ଷତି ରିପୋର୍ଟ ଅନୁଯାୟୀ ଖୋର୍ଦ୍ଧା, ବେଗୁନିଆ ଓ ଜଟଣୀ ବ୍ଲକର ୧୩ଟି ପଞ୍ଚାୟତରେ ବନ୍ୟା ପାଣି ମାଡିଛି। ଜିଲାର ୪୭ଟି ଗାଁ ପ୍ରଭାବିତ ହୋଇଥିବା ବେଳେ ୨୨ହଜାର ୮୪୫ଜଣ ପ୍ରଭାବିତ ହୋଇଛନ୍ତି। ପୂର୍ବରୁ ଜିଲାର ୫ଟି ବ୍ଲକର ବନ୍ୟା ପ୍ରଭାବିତ ହୋଇଥିବା ବେଳେ ବନ୍ୟା ପାଣି ଖସୁଥିବାରୁ ରିପୋର୍ଟରେ ପରିବର୍ତ୍ତନ ଆସିଛି। ମଙ୍ଗଳବାର ୧୮ଟି ଆଶ୍ରୟ ସ୍ଥଳରେ ୭୦୯୮କୁ ମିଶାଇ ମୋଟ ୧୦୭ କେନ୍ଦ୍ରରେ ୪୫ହଜାର ୬୮୯ଜଣ ରହିଛନ୍ତି। ୧୧୨ ସ୍ଥାନରେ ରନ୍ଧାଖାଦ୍ୟ ଦିଆଯାଉଛି। ଜିଲାରେ ଏ ପର୍ଯ୍ୟନ୍ତ ବନ୍ୟାରେ କେହି ମୃତାହତ ହୋଇ ନାହାନ୍ତି। ସେହିପରି ଜିଲାରେ ୧୮ହଜାର ୭୭୦ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଛନ୍ତି। କୌଣସି ଘର କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ପ୍ରଶାସନ ପକ୍ଷରୁ ହସ୍ତଗତ ହୋଇନାହିଁ। ରିଲିଫ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୭୧ କୁଇଣ୍ଟାଲ ଚାଉଳ, ୧୨୭.୫୭ କୁଇଣ୍ଟାଲ ଚୁଡ଼ା, ୧୯.୮ କୁଇଣ୍ଟାଲ ଚିନି ବଣ୍ଟନ କରାଯାଇଛି। ଏତଦ୍ ବ୍ୟତୀତ ପଲିଥିନ ରୋଲ, ପାଣି ବୋତଲ, ବିସ୍କୁଟ, ଦିଆସିଲି, ମହମବତୀ, ପାଣି ପାଉଚ ବଣ୍ଟନ କରାଯାଇଛି। ବିପର୍ଯ୍ୟୟ ମୁକାବିଲା ପାଇଁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଥିବା ବେଳେ ପରିଚାଳନା ପାଇଁ ସ୍ଥାନୀୟ ବିଡିଓ, ତହସିଲଦାର ଏବଂ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ୯ଟି ମେଡିକାଲ ଟିମ୍ ଏବଂ ୫ଟି ପ୍ରାଣୀ ସମ୍ପଦ ଚିକିତ୍ସକ ଦଳ ମୁତୟନ ରହିଛନ୍ତି। ଜିଲାକୁ ପ୍ରାୟ ୪୦ ମେଟ୍ରିକ ଟନ ଗୋଖାଦ୍ୟ ଆସିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୦ ମେଟ୍ରିକ ଟନ ଯୋଗାଇ ଦିଆଯାଉଛି। ୪୯ଟି କ୍ୟାମ୍ପରେ ୨୧୯୩ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା କରାଯାଇଥିବା ବେଳେ ୬୬ ଶହ ପ୍ରାଣୀଙ୍କୁ ଭ୍ୟାକ୍ସିନେସନ କରାଯାଇଛି। ଜଟଣୀ ବ୍ଲକର ତିରିମଲ ଠାରେ ରାଜୁଆ ନଦୀରେ ଘାଇ ସୃଷ୍ଟି ହୋଇଥିବା ବେଳେ ପାଣ୍ଡିଆବିଲି–ବୁଡାଙ୍ଗରା ରାସ୍ତା ବିଚ୍ଛିନ୍ନ ରହିଛି। ବନ୍ୟା ବିପନ୍ନଙ୍କ ଯାତାୟାତ ଲାଗି ୨ଟି ଏସ୍ଆରସି ପାୱାର ବୋଟ ସହ ଗୋଟିଏ ଏନଡିଆରଫ ଟିମ୍ ବାଲିପାଟଣାରେ ମୁତୟନ ରହିଥିବା ବେଳେ ଖୋର୍ଦ୍ଧା ବ୍ଲକରେ ୨ଟି ଏସଆରସି ବୋଟ ସହ ଗୋଟିଏ ଓଡ୍ରାଫ ଟିମ୍ ମୁତୟନ ରହିଛନ୍ତି। ଏତଦ୍ ବ୍ୟତୀତ ସିଡିଏ ପକ୍ଷରୁ ୨ଟି ଡଙ୍ଗା ଖୋର୍ଦ୍ଧା ବ୍ଲକରେ ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବନ୍ୟା ପ୍ଲାବିତ ଅଞ୍ଚଳରେ ଜଳଉତ୍ସ ଗୁଡିକୁ ବିଶୋଧନ କରାଯାଉଛି।



ଖୋର୍ଦ୍ଧା ବ୍ଲକ୍‌ର ଏକ ଗ୍ରାମରେ ୪ ଫୁଟ୍ ଉଚ୍ଚର ବନ୍ୟାଜଳ ଜମିରହିଛି।



ନଳକୂପ ବିଶୋଧନ କରାଯାଉଛି।

### ସ୍ୱାସ୍ଥ୍ୟ ଓ ପାନୀୟଜଳ ଉପରେ ଗୁରୁତ୍ୱ

ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି, ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକରେ ପାନୀୟଜଳ, ସ୍ୱାସ୍ଥ୍ୟ ଓ ଗମନାଗମନ ଉପରେ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଲୋକଙ୍କ ସର୍ବନିମ୍ନ ସୁବିଧା ଉପଲବ୍ଧ ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟାପାଣି ଛାଡିବା ପରେ ତୁରନ୍ତ ନଳକୂପ, ଜଳଉତ୍ସ ଓ ଜଳଯୋଗାଣ ବ୍ୟବସ୍ଥାକୁ ବିଶୋଧନ ଏବଂ ଜଳ ଗୁଣବତ୍ତା ଯାଞ୍ଚ କରି ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ନଜର ରଖିବାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଉକ୍ତ ଅଞ୍ଚଳ ଜଳବାହିତ ରୋଗ ନ ବ୍ୟାପିବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ମେଡିକାଲ ଟିମ୍ ଗଠନ କରି ସ୍ୱାସ୍ଥ୍ୟମେଳା ଆୟୋଜନ କରି ଲୋକଙ୍କ ଚିକିତ୍ସା ସହ ଔଷଧ, ସାନିଟାରୀ କିଟ୍ ଓ ନାପକିନ୍ ବଣ୍ଟନ ବ୍ୟବସ୍ଥା ସୁନିଶ୍ଚିତ ପାଇଁ ପରାମର୍ଶ ଦେଇଛନ୍ତି ଅତିରିକ୍ତ ଜିଲାପାଳ।

### ବିପନ୍ନଙ୍କୁ ସତର୍କ କରାଇଲେ ସିଡିଏମଓ

ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ ଖୋର୍ଦ୍ଧା ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରିବୁଝିବା ସହ ବନ୍ୟା ପରବର୍ତ୍ତି ଲାଗି ସତର୍କ ସୂଚନା ଦେଇଛନ୍ତି। ବନ୍ୟାପାଣିରେ ବୁଡି ରହିଥିବା ନଳକୂପ କିମ୍ବା ବନ୍ୟାଜଳ ପଶିଥିବା କୂଅପାଣି ବିଶୋଧନ ନ ହେବା ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ ନାହିଁ। ଏକ ଲିଟର ପାଣିରେ ଗୋଟିଏ ହାଲାଜୋନ ବଟିକା ପକାଇ ଅଧଘଣ୍ଟା ପରେ ପିଅନ୍ତୁ। ବିଶୋଧିତ ପାଣି ପିଇବା ଏବଂ ଖାଇବାରେ ବ୍ୟବହାର କର। ଖାଦ୍ୟ ଖାଇବା ପୂର୍ବରୁ ଏବଂ ଶୌଚ ପରେ ହାତକୁ ସାବୁନରେ ଭଲଭାବେ ଧୁଅନ୍ତୁ। ଝାଡା ହେଲେ ଭୟଭୀତ ନ ହୋଇ ପିଲାଙ୍କୁ ଆବଶ୍ୟକ ପରିମାଣରେ ଓଆରଏସ ପିଇବାକୁ ଦିଅନ୍ତୁ। ବନ୍ୟାପାଣିରେ ବାସନ ଓ ହାତମୁହଁ ନ ଧୋଇବାକୁ ସିଡିଏମଓ ନାୟକ ପରାମର୍ଶ ଦେଇଛନ୍ତି।

## ବନ୍ୟାଞ୍ଚଳରେ ଜନ୍ମ ହୋଇଛନ୍ତି ୨୫୫ ଶିଶୁ

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

ରାଜ୍ୟର ୧୩ ଜିଲା ଏବେ ବନ୍ୟା ପ୍ରଭାବିତ ହୋଇଛି। କେଉଁଠି ଘରେ ପାଣି ପଶିଛି ତ ଆଉ କେଉଁଠାରେ ପୂରା ଗାଁ ଜଳଘେରରେ ରହିଛି। ସେହିପରି ବହୁ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏପରି ସ୍ଥିତିରେ ଗର୍ଭବତୀଙ୍କୁ ସୁରକ୍ଷା ଦେବା ରାଜ୍ୟ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି। ଏଥର ବନ୍ୟା ସମୟରେ ବିଭିନ୍ନ ଆଶ୍ରୟସ୍ଥଳୀକୁ ୫୮୨ଜଣ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏହି ସମୟରେ ୨୫୫ଜଣ ଶିଶୁ ଜନ୍ମ ହୋଇଥିବା ଜଣାପଡ଼ିଛି। ପରିବାର କଲ୍ୟାଣ ବିଭାଗ ସୂଚନାନୁସାରେ, ଏହି ବନ୍ୟାରେ ୨୫୫ଜଣ ଶିଶୁ ଜନ୍ମ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୩୦ ଜଣ ଶିଶୁକନ୍ୟା ଥିବା ବେଳେ ୧୨୫ଜଣ ଶିଶୁପୁତ୍ର ରହିଛନ୍ତି। ତେବେ ପୁରୀ ଜିଲାର କଣାସ, ଡେଲାଙ୍ଗ ଓ ପିପିଲି ବ୍ଲକରେ ସର୍ବାଧିକ ୫୯ ଶିଶୁ ଜନ୍ମ ହୋଇଛନ୍ତି। କଣାସ ବ୍ଲକରୁ ୭୪, ଡେଲାଙ୍ଗରୁ ୧୨ ଓ ପିପିଲିରୁ ୧୩ ଜଣ ଗର୍ଭବତୀ ଉଦ୍ଧାର ହୋଇଥିଲେ। ବହୁ ବାଧାବିଘ୍ନକୁ ସାମ୍ନା କରି ପାଣିଘେରରୁ ଡଙ୍ଗା ସାହାଯ୍ୟରେ ଶିଶୁ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ ଏବଂ ଆଶାକର୍ମୀମାନେ ଏମାନଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳରେ ରଖିଥିଲେ। ଇନ୍‌ଷ୍ଟିଚ୍ୟୁଶନାଲ ଡେଲିଭରି ଅର୍ଥାତ୍ ହସ୍ପିଟାଲରେ ପ୍ରସବ କରାଇବା ଉପରେ ରାଜ୍ୟ ସରକାର ବାରମ୍ବାର ଗୁରୁତ୍ୱ ଦେଇଆସୁଛନ୍ତି। ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ଏହା ଜରୁରୀ। କିନ୍ତୁ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଏହି ସେବା ଯୋଗାଇବା ସରକାରଙ୍କ ପକ୍ଷେ ଏକ ଆହ୍ୱାନ ହେଉଛି। ଏହାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ଉଦ୍ୟମ କରୁଛନ୍ତି।



ଖୋର୍ଦ୍ଧା: ବନ୍ୟାଞ୍ଚଳ ପାଇଁ ଡଙ୍ଗାରେ ଗୋ ଖାଦ୍ୟ ନିଆଯାଉଛି।

## ବୁଲା ଗାଈଗୋରୁଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ ଦାବି

ବାଲୁଗାଁ,୨୩।୮(ଡି.ଏନ୍.ଏ.)

ବାଲୁଗାଁ ଓ ଏହାର ଆଖପାଖ ଅଞ୍ଚଳ ତଥା ଜାତୀୟ ରାଜପଥରେ ଗୋରୁଗାଈଙ୍କ ଅବାଧ ଚଳପ୍ରଚଳ ଯୋଗୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଅନେକ ସମୟରେ ଦୁର୍ଘଟଣାରେ ଗୋରୁଗାଈଙ୍କ ମୃତ୍ୟୁ ଘଟୁଥିବା ନଜିର ରହିଛି। ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପୋଲିସ୍ ପ୍ରଶାସନ, ଯୁବକ ସଂଘ ଏବଂ ସାଧାରଣ ଲୋକେ ଆହତ ଗୋରୁଙ୍କୁ ବାଲୁଗାଁ ସ୍ଥିତ ପ୍ରାଣୀ ଚିକିତ୍ସାଳୟ କେନ୍ଦ୍ରକୁ ନେଉଛନ୍ତି। ତେବେ ଉକ୍ତ ପ୍ରାଣୀଙ୍କ ଚିକିତ୍ସା କରାଯାଉଥିଲେ ମଧ ସେମାନଙ୍କର ରହିବା ପାଇଁ ଉପଯୁକ୍ତ ବାସସ୍ଥଳୀ ନଥିବାରୁ ରାସ୍ତା କଡ଼ରେ ରହି କେତେକ ପ୍ରାଣୀ ଜୀବନ ହରାଉଛନ୍ତି । ତେବେ ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ଗତ ଡିସେମ୍ବର ୯ ରେ ଜିଲା କାର୍ଯ୍ୟାଳୟ ଠାରେ ଏକ ବୈଠକ ହୋଇଥିଲା। ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଖୁବ୍ ଶୀଘ୍ର ପ୍ରାଣୀମାନଙ୍କ ଚିକିତ୍ସା ନିମନ୍ତେ ଏକ ଆଶ୍ରୟସ୍ଥଳ(କାଞ୍ଜିଆହୁଦା) ନିର୍ମାଣ କରାଯିବ ବୋଲି ବୈଠକରେ କହିଥିଲେ। ବୈଠକର ୮ ମାସ ବିତିଯାଇଥିଲେ ମଧ ଆଶ୍ରୟସ୍ଥଳର କାର୍ଯ୍ୟ ଆରମ୍ଭ ହୋଇନଥିବା ଜଣାପଡ଼ିଛି। ଏଦିଗରେ ଦୃଷ୍ଟିଦେଇ ପ୍ରାଣୀମାନଙ୍କ ଜୀବନ ରକ୍ଷା କରିବା ନିମନ୍ତେ ଆଶ୍ରୟସ୍ଥଳ ନିର୍ମାଣ କରିବା ପାଇଁ ଜୀବେ ନିଷ୍ଠୁରତା ନିରୋଧ ସମିତି ପକ୍ଷରୁ ଦାବି ହୋଇଛି।

## ରୋଗୀ କଲ୍ୟାଣ ସମିତି ବୈଠକକୁ ନେଇ ବିବାଦ

ବାଲୁଗାଁ,୨୩।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଓ ରୋଗୀଙ୍କ ସମସ୍ୟାକୁ ନେଇ ରୋଗୀ କଲ୍ୟାଣ ସମିତି ପକ୍ଷରୁ ପ୍ରତ୍ୟେକ ମାସରେ ବୈଠକ ଅନୁଷ୍ଠିତ ହୋଇଥାଏ। ତେବେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ୍ରମେ ଚଳିତ ମାସରେ ହେବାକୁ ଥିବା ବୈଠକ ବୁଧବାର ଭୁବନେଶ୍ୱର ସ୍ଥିତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସରକାରୀ ବାସଭବନରେ ହେବାକୁ ସ୍ଥିରୀକୃତ ହୋଇଥିଲା। ଏହି ବୈଠକରେ ଯୋଗଦେବା ପାଇଁ ଚିଲିକା ବ୍ଲକ ଅଧ୍ୟକ୍ଷାଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ବିଧାୟକଙ୍କ ସରକାରୀ ବାସଭବନରେ ହେବାକୁ ଥିବା ବୈଠକକୁ ଅଧ୍ୟକ୍ଷା ବିରୋଧ କରିଥିଲେ । ତେବେ କାହା ଇଙ୍ଗିତରେ ବିଧାୟକଙ୍କ ସରକାରୀ ବାସଭବନରେ ବୈଠକ କରାଯିବ ବୋଲି ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସୌମ୍ୟକାନ୍ତ ଦାସପଟ୍ଟନାୟକଙ୍କୁ ଅଭିଯୋଗ କରିଥିଲେ। ଏଥିସହ ଘଟଣା ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ତେବେ ସ୍ୱାସ୍ଥ୍ୟ ଅଧିକାରୀ ଦାସପଟ୍ଟନାୟକଙ୍କୁ ପଚାରିବାରେ କୁହନ୍ତି, ବିଧାୟକ ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ, ସେ ଯେଉଁଠି ଚାହିଁବେ ସେଠାରେ ବୈଠକ କରାଇପାରିବେ। ଅନ୍ୟପକ୍ଷରେ ବିଧାୟକ ଜଗଦେବ କୁହନ୍ତି, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନ ମଣ୍ଡଳୀକୁ ଯିବା ପାଇଁ ମୋତେ ବାରଣ କରାଯାଇଛି। ତେଣୁ ଉକ୍ତ ବୈଠକକୁ ଅନ୍ୟ କୌଣସି ସ୍ଥାନରେ ନ କରି ମୋର ସରକାରୀ ବାସଭବନରେ ବୈଠକ ଅନୁଷ୍ଠିତ କରାଇବା ପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କହିବା ସହିତ ସମସ୍ତ ରୋଗୀ କଲ୍ୟାଣ ସମିତି ସଦସ୍ୟଙ୍କୁ ନିମନ୍ତ୍ରିତ କରିବା ପାଇଁ କହିଥିଲି। ଉକ୍ତ ସ୍ଥାନରେ ବୈଠକ କରିବା ନେଇ ବିବାଦ ଉପୁଜୁଛି ତେବେ ଅନ୍ୟତ୍ର ବୈଠକ ହୋଇପାରିବ ବୋଲି ସେ କହିଛନ୍ତି।

## ରେଲୱେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ମନ୍ଥର



ନିରାକାରପୁର,୨୩।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ରେଲୱେ ଲେଭଲ କ୍ରସିଂରେ ଓଭରବ୍ରିଜ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଟ୍ରେନ ଯାତାୟାତ ଯୋଗୁ ସରଣକୂଳରୁ ପୁରୀକୁ ଯାଇଥିବା ଜଗନ୍ନାଥ ସଡକର ନିରାକାରପୁର ରେଲୱେ ଲେଭଲ କ୍ରସିଂରେ ଗେଟ୍ ପଡ଼ିଥାଏ। ଫଳରେ ଉଭୟ ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ଯାନବାହନ ଅଟକି ରହିଥାଏ। ଏପରିକି ଛାତ୍ରୀଛାତ୍ରମାନେ ମଧ ସ୍କୁଲ କଲେଜରେ ଠିକ୍ ସମୟରେ ପହଞ୍ଚିପାରୁ ନ ଥିବା ନଜିର ରହିଛି। ଏନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଏଠାରେ ଓଭରବ୍ରିଜ ନିର୍ମାଣ କରାଯିବା ପାଇଁ ରେଲୱେ ବିଭାଗ ପକ୍ଷରୁ ମଞ୍ଜୁର ହେବା ସହ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ କାର୍ଯ୍ୟ ମନ୍ଥର ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ ସୁଫଳ ମିଳୁନାହିଁ। ତେବେ ନିର୍ଦ୍ଧାରିତ ସମୟରେ ସରିବା ନେଇ ଆଶଙ୍କା ଦେଖାଦେଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସ୍କୁଲ ସ୍ୱୀକୃତି ପ୍ରତ୍ୟାହାର, ଅଧକ୍ଷଙ୍କୁ ଗିରଫ ଦାବି

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

ଘାଟିକିଆସ୍ଥିତ ଏକ ଘରୋଇ ସ୍କୁଲ ପିଲାଙ୍କ ଫିଁ ବାକି ଥିବାରୁ ଗୋଟିଏ ରୁମ୍‌ରେ ବନ୍ଦ କରିବା ଘଟଣାକୁ ଓଡ଼ିଶା ଅଭିଭାବକ ମହାସଂଘ ନିନ୍ଦା କରିଛି। ଉକ୍ତ ସ୍କୁଲର ସ୍ୱୀକୃତି ପ୍ରତ୍ୟାହାର ସହିତ ତୁରନ୍ତ ସ୍କୁଲ ଅଧକ୍ଷଙ୍କୁ ଗିରଫ କରିବା ପାଇଁ ମହାସଂଘ ଦାବି କରିଛି। ମହାସଂଘର କହିବାନୁସାରେ, ସ୍କୁଲ ଫିଁ ପାଇଁ ପିଲାଙ୍କୁ ଦଣ୍ଡ ଦେବା ତ ଦୂର କଥା, ଆଦୌ ଏ ସମ୍ପର୍କରେ ଅବଗତ କରିପାରିବେ ନାହିଁ ବୋଲି ସ୍ପଷ୍ଟ ନିୟମ ରହିଛି। ଏନେଇ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକଙ୍କ ସହ ଯୋଗାଯୋଗ କରିପାରିବେ। ହେଲେ ସେଭଳି ନ କରି ପିଲାଙ୍କୁ ଏପରି ନିର୍ଯାତନା ଦେବା ଅତ୍ୟନ୍ତ ଅମାନବୀୟ, ନିନ୍ଦନୀୟ ଏବଂ ହୃଦୟହୀନ କାର୍ଯ୍ୟ। ପୂର୍ବରୁ ୨୦୧୫ରେ ଏବଂ ପରବର୍ତ୍ତୀ ସମୟରେ ୨୦୧୮ରେ ରାଷ୍ଟ୍ରୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ପକ୍ଷରୁ ଏ ନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ଏ ସଂକ୍ରାନ୍ତରେ ଏନ୍‌ସିପିସିଆର୍ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଜଣାଇଥିଲେ ଯେ, ସ୍କୁଲ ଫିଁ ନେଇ ଆଲୋଚନା କେବଳ ଅଭିବାକମାନଙ୍କ ସହ କରିବେ ଏବଂ ପିଲାଙ୍କଠାରୁ ଏହା ଦୂରେଇ ରଖିବେ। ଯଦି କୌଣସି ସ୍କୁଲ ଏହି ନିୟମର ଖିଲାପ କରନ୍ତି, ତେବେ ସେହି ସ୍କୁଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏନ୍‌ସିପିସିଆର୍ କହିଥିଲା। ଓଡ଼ିଶାରେ ବିଭିନ୍ନ ସମୟରେ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଏଭଳି ନିର୍ଯାତନା ଦିଆଯିବା ଘଟଣା ଦେଖାଯାଇଥିଲା। କେଉଁଠି ସ୍କୁଲ ଫିଁ ପାଇଁ ପିଲାଙ୍କୁ ସ୍କୁଲରୁ ବାହାର କରିଦିଆଯାଇଛି ତ ଆଉ କେଉଁଠି ସ୍କୁଲବସ୍‌ରୁ ଓହ୍ଲାଇଦେବା, ପରୀକ୍ଷାରୁ ବଞ୍ଚିତ ରଖିବା, ଅନ୍‌ଲାଇନ୍ କ୍ଲାସ୍‌ରୁ ବାଦ୍ ଦେବା ଭଳି ବହୁ ଅଭିଯୋଗର ନଜିର ରହିଛି। ତେବେ ଘାଟିକିଆସ୍ଥିତ ସ୍କୁଲରେ ପିଲାଙ୍କୁ ବନ୍ଦ ରୁମ୍‌ରେ ରଖି ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଭଳି ଘଟଣା ଘରୋଇ ସ୍କୁଲର ଔଦ୍ଧତ୍ୟକୁ ପଦାରେ ପକାଇଛି। ତେଣୁ ଏଭଳି ବେଆଇନ ଓ ଘୃଣ୍ୟ କାର୍ଯ୍ୟ କରିଥିବା ସ୍କୁଲର ସ୍ୱୀକୃତି ପ୍ରତ୍ୟାହାର ତଥା ସ୍କୁଲ ଅଧକ୍ଷଙ୍କୁ ଜଷ୍ଟିସ ଜୁଭେନାଇଲ ଆକ୍ଟର ଉଲ୍ଲଂଘନ ପାଇଁ ଗିରଫ କରାଯାଉ ବୋଲି ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ ଦାବି କରିଚନ୍ତି। ସରକାର ତୁରନ୍ତ ଏହି ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଆଗକୁ ଯଦି ଆଉ କୌଣସି ଘରୋଇ ସ୍କୁଲ ଏଭଳି ନିନ୍ଦନୀୟ କାର୍ଯ୍ୟ କରିବାର ଦେଖାଯାଏ, ତେବେ ଆନ୍ଦୋଳନ କରାଯିବ ବୋଲି ମହାସଂଘର ସହଅଧକ୍ଷ ପ୍ରସନ୍ନ ବିଷୋୟୀ କହିଛନ୍ତି।

# ଏଥର ୪୪ ଫୁଟ୍ ବାହୁବଳୀ, ପାର୍ଲାମେଣ୍ଟ

### ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ ପୂଜା କମିଟି

ଜଟଣୀ,୨୩।୮(ଡି.ଏନ୍.ଏ.)

ଆଉ ଦିନ କେଇଟା ପରେ ଗଜାନନ ପୂଜା। ଦୁଇବର୍ଷ ପରେ ଚଳିତ ବର୍ଷ ଆଡ଼ମ୍ବରପୂର୍ଣ୍ଣ ଭାବେ ଏହି ପୂଜା ପାଳିବା ପାଇଁ ବିଭିନ୍ନ ବ୍ୟବସାୟୀ ସଂଘ, କ୍ଲବ ଏବେଠୁ ଅଣ୍ଟା ଭିଡ଼ିଲେଣି। ସମସ୍ତେ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଜଟଣୀ ସହରର ପୋଷ୍ଟ ଅଫିସ ଛକ ବ୍ୟବସାୟୀ ସଂଘ ପକ୍ଷରୁ ମଧ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରତିବର୍ଷ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ କିଛି କିଛି ନୂଆ କରିବାର ପ୍ରୟାସ କରିଥାଏ ସଂଘ। ଏଥର ଏଲ୍‌ଇଡି ଲାଇଟରେ ୪୪ ଫୁଟ୍ ଉଚ୍ଚର ବାହୁବଳୀ ଏବଂ ପାର୍ଲାମେଣ୍ଟ ପ୍ରତିକୃତି ଗେଟ୍ ରହିବ, ଯାହାକି ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି।

ବହୁ ବର୍ଷ ପୂର୍ବେ ପୋଷ୍ଟ ଅଫିସ ଛକରେ ବ୍ୟବସାୟୀ ସୀତାରାମ ଅଗ୍ରୱାଲ ନିଜ ଘରେ ପ୍ରଥମେ ଛୋଟ ଛୋଟ ତ୍ରିମୂର୍ତ୍ତିଙ୍କୁ ନେଇ ପୂଜା ଆରମ୍ଭ କରିଥିଲେ। କୌଣସି କାରଣରୁ ପୂଜା କିଛିବର୍ଷ ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟବସାୟ ପ୍ରତିଷ୍ଠାନ ବୃଦ୍ଧି ହେବାରୁ ବ୍ୟବସାୟୀମାନେ ଏକତ୍ରିତ ହୋଇ ଥାନା ଛକରେ ପୂଜା କରିଆସୁଥିଲେ। ୨୦୧୭ ମସିହାରୁ ପୁଣି ପୋଷ୍ଟ ଅଫିସ ଛକରେ ଏହି ପୂଜା ପାଳନ ହୋଇଆସୁଅଛି। ଏଥର ୧୪ ଫୁଟ୍ ଉଚ୍ଚର ଗଣେଶଙ୍କ ପ୍ରତିମୂର୍ତ୍ତି ହେବାକୁ ଥିବା ବେଳେ ପ୍ରାୟ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପୂଜାରେଖର୍ଚ୍ଚ ହେବା ନେଇ କମିଟି ଆକଳନ କରିଛି। ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଚୁଡାଘଷା ସହିତ ବିଭିନ୍ନ ଫଳ ଭୋଗ ଲାଗି ହେଉଥିବା ବେଳେ, ମଧ୍ୟାହ୍ନରେ ମାନସିକଧାରୀଙ୍କ ଦ୍ୱାରା ଖେଚୁଡ଼ି ଭୋଗ ଏବଂ ସନ୍ଧ୍ୟାରେ ପାଳି ଅନୁଯାୟୀ ବ୍ୟବସାୟୀ ବିଭିନ୍ନ ଭୋଗ ଠାକୁରଙ୍କ ନିକଟରେ ଲାଗି କରିଥାନ୍ତି। ଗଣେଶ ପୂଜା ସମୟରେ ଏହି ମଣ୍ଡପରେ ବିଭିନ୍ନ ଅଞ୍ଚଳର ମା'ଭଉଣୀମାନେ ଅନନ୍ତ ବ୍ରତ ଏବଂ ସୁଦଶା ବ୍ରତ କରିଥାନ୍ତି। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ କମିଟି ପକ୍ଷରୁ ସ୍ଥିର ହୋଇଛି। ପୂଜା ସମୟରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ସହିତ ୫୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।





ବାହୁବଳୀ ଏବଂ ପାର୍ଲାମେଣ୍ଟ ଏଲ୍‌ଇଡି ଗେଟ୍‌ର ନକଲ।

### ଏମାନେ ଯାହା କୁହନ୍ତି...



ଜଟଣୀ ଏକ ଭାଇଚାରାର ସହର। ସମସ୍ତେ ମିଳିମିଶି ଗଣେଶ ପୂଜା ପାଳନ କରିଥା'ନ୍ତି। ଦୁଇବର୍ଷ ହେବ କରୋନା ସଂକ୍ରମଣ ଯୋଗୁ ପୂଜା ବନ୍ଦ ରହିଥିଲା। ସଂକ୍ରମଣ କମିଥିବାରୁ ଏଥର ପୂଜାକୁ ଧୁମଧାମରେ ପାଳନ କରାଯିବ। ଓଡ଼ିଶାର କଳା ପରମ୍ପରାକୁ ବଞ୍ଚାଇ ରଖିବା ସହିତ ଭାଇଚାରା ଏବଂ ସୁସ୍ଥ ପରିବେଶ ସୃଷ୍ଟି କରିବା ସଂଘର ଲକ୍ଷ୍ୟ।

**- ହେମନ୍ତ କୁମାର ସୁନ୍ଦରାୟ, ସଭାପତି, ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ**



ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ୪୪ ଫୁଟ୍‌ର ଏଲ୍‌ଇଡି ଗେଟ୍ ରହିବ। ପ୍ରତିଦିନ ରାଜ୍ୟ ସଂସ୍କୃତି ବିଭାଗ ସହାୟତାରେ ଓଡ଼ିଶାର ଲୋକକଳାକୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପୂଜା ସମୟରେ ମଣ୍ଡପରେ ଗଜାନନଙ୍କ ନିକଟରେ ସୁଦଶା ବ୍ରତ ଏବଂ ଅନନ୍ତ ବ୍ରତ ପୂଜା ଅନୁଷ୍ଠିତ ହୋଇଥାଏ। ଯେଉଁଥିରେ ଅଞ୍ଚଳର ବହୁ ମା'ଭଉଣୀ ଯୋଗ ଦେଇଥାନ୍ତି।

**- ମାନସ କୁମାର ମିଶ୍ର, ସମ୍ପାଦକ, ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୪ ଅଗଷ୍ଟ, ୨୦୨୨



### ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ପକ୍ଷରୁ ଦାଉଦପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଦୀର୍ଘ ଦିନ ହେଲା ଜଗନ୍ନାଥପୁର ଗ୍ରାମର କେତେଜଣ ବ୍ୟକ୍ତି ସରକାରୀ ଗୋଚର ଜମି ଜବରଦଖଲ କରି ରଖିଥିଲେ। ଏହାକୁ ହଟାଇବା ନିମନ୍ତେ ଗ୍ରାମବାସୀ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ତହସିଲ ତରଫରୁ ଜବରଦଖଲକାରୀଙ୍କୁ ନୋଟିସ ଦିଆଯାଇଥିଲା। ମାତ୍ର ଜବରଦଖଲକାରୀମାନେ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଏନେଇ ନିଶ୍ଚିନ୍ତକୋଇଲି ତହସିଲଦାର ଉମାକାନ୍ତ ବିଶ୍ୱାଳ, ଅତିରିକ୍ତ ତହସିଲଦାର କ୍ରୀଷ୍ଣାପାଢୀଙ୍କ ଉପସ୍ଥିତିରେ ଜେସିବି ମେଶିନ ଲଗାଯାଇ ଜବରଦଖଲ ହଟାଇ ଦିଆଯାଇଛି।

## ସଂକ୍ଷେପରେ

### ବନ୍ଧୁକ ଜବତ, ଯୁବକ ଗିରଫ

କଟକ ସଦର,୨୩।୮(ଡି.ଏନ୍.ଏ.): ବିନା ଲାଇସେନ୍ସରେ ବନ୍ଧୁକ ରଖିବା ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ୪୨ମୌଜା ଥାନା ଅଧୀନ ଟାଇକଣା ଗ୍ରାମର ଅମିୟ ରଞ୍ଜନ ସ୍ୱାଇଁ। ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଓ ବୁଲେଟ୍(ନଂ. ଓଡ଼ି୦୫ଜି-୯୦୩୦) ଜବତ କରାଯାଇଛି। ସକାଳେ ସେ ବୁଲେଟ୍ ଡିକିରେ ବନ୍ଧୁକ ରଖି ଯାଉଥିବା ପୋଲିସ ଖବର ପାଇଥିଲା। ବେଣ୍ଟକାର ବ୍ୟାଙ୍କ ଛକ ନିକଟରେ ଅମିୟ ପହଞ୍ଚିବା ପରେ ପୋଲିସ ଅଟକାଇ ଗାଡ଼ି ଡିକି ଯାଞ୍ଚ କରିବାରୁ ସେଥିରେ ବନ୍ଧୁକ ଥିବା ଦେଖିବାକୁ ମିଳିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୭୨/୨୨) ରୁଜୁ କରିଛି।

### ଔଷଧ ଦୋକାନରୁ ଚୋରି, ସେଲ୍ସମ୍ୟାନ୍ ଗିରଫ

ମଙ୍ଗୁଳି,୨୩।୮(ଡି.ଏନ୍.ଏ.): ଜଗତ୍‌ପୁର ଥାନା ଅଞ୍ଚଳର ଏକ ଔଷଧ ଦୋକାନରୁ ଟଙ୍କା ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ସେଲ୍ସମ୍ୟାନ୍‌ଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ୪୨ ମୌଜା ଥାନା ଅଧୀନ ଝାରକଟା ଗ୍ରାମର ରାକେଶ ଦାସ। ସେ ଉକ୍ତ ଔଷଧ ଦୋକାନରେ ୨ ବର୍ଷ ହେବ ସେଲ୍ସମ୍ୟାନ୍ ଭାବେ କାମ କରୁଥିଲେ। ଗତ ଶନିବାର ସେ ଉକ୍ତ ଦୋକାନର ଡ୍ରୟରରୁ ୩୭,୫୦୦ ଟଙ୍କା ଚୋରି କରିଥିଲେ। ଦୋକାନର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ମାଲିକ ମାଧବାନନ୍ଦ ରାଉତ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୪୮/୨୨) ରୁଜୁ କରିଥିଲା।

### ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

କଟକ ଅଫିସ,୨୩।୮: କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସ୍ଥାନୀୟ ଝୋଲାସାହିଠାରୁ ମେରିଆ ବଜାର ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଦୋକାନ ଓ ଏକ ଘର ଭଙ୍ଗାଯାଇଛି। ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଏହି ଉଚ୍ଛେଦ କରାଯାଇଥିଲା।

### ଆଇନଜୀବୀ ରବି ନାରାୟଣ ମହାନ୍ତିଙ୍କ ପରଲୋକ

କଟକ ଅଫିସ,୨୩।୮: କଟକ ବଙ୍ଗାଳିସାହି ବାସଭବନରେ ବରିଷ୍ଠ ଆଇନଜୀବୀ ରବି



ନାରାୟଣ ମହାନ୍ତି(୬୯)ଙ୍କର ସୋମବାର ରାତିରେ ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମରଶରୀରକୁ କଟକ ବାର୍ ଆସୋସିଏଶନ, କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ, ବୋର୍ଡ ଅଫ୍ ରେଭେନ୍ୟୁ ବାର୍ ଆସୋସିଏଶନ ପରିସରକୁ ମଙ୍ଗଳବାର ନିଆଯାଇଥିଲା। ବିଭିନ୍ନ ବାର୍ ଆସୋସିଏଶନ୍‌ର ସଦସ୍ୟମାନେ ତାଙ୍କ ମରଶରୀରରେ ମାଲ୍ୟାର୍ପଣ କରିଥିଲେ। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏ ନେଇ କଟକ ବାର୍ ଆସୋସିଏଶନ ପରିସରରେ ଆସୋସିଏଶନ୍ ସଭାପତି ଗୌତମ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଓ ଦୌରାଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁଙ୍କ ସମେତ ବିଚାରପତି, ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସୋସିଏଶନର ସମ୍ପାଦକ ଦିଲୀପ କୁମାର ମହାରଣା ସଭା ପରିଚାଳନା କରିଥିଲେ। ଦେବାଶିଷ ପାଣିଗ୍ରାହୀ, ମନୋଜ ମହାପାତ୍ର, ବିଜୟ ମହାନ୍ତି, ମନୋଜ ବିହାରୀ ଦାସ, ଆଲୋକ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି ରବି ନାରାୟଣଙ୍କ ସ୍ମୃତିଚାରଣ କରିଥିଲେ।

# ୪୦% ପାର୍କିଂ ସ୍ଥାନ ନ ଥିଲେ ଲାଇସେନ୍ସ ମିଳିବନି

**ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ବୈଠକ**

■ କଲ୍ୟାଣ ମଣ୍ଡପ ଖୋଲିବା ପାଇଁ ଲାଇସେନ୍ସ ଷ୍ଟାଣ୍ଡିଂ କମିଟିର ନିଷ୍ପତ୍ତି



ବୈଠକରେ କମିଟି ଅଧ୍ୟକ୍ଷ ଏ. ଶ୍ରୀଦେବୀ, କର୍ପୋରେଟର ଓ ଅନ୍ୟମାନେ।

କଟକ ଅଫିସ, ୨୩।୮

ସହରରେ ଯେଉଁ ଘରୋଇ କଲ୍ୟାଣ ମଣ୍ଡପ ମାଲିକ ଲାଇସେନ୍ସ ନିମନ୍ତେ ଆବେଦନ କରୁଛନ୍ତି ସେମାନଙ୍କର ୪୦ ପ୍ରତିଶତ ପାର୍କିଂ ସ୍ଥାନ ରହିଥିବା ଦରକାର। ନ ହେଲେ ସେମାନଙ୍କୁ କଲ୍ୟାଣ ମଣ୍ଡପ ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ କରାଯିବ ନାହିଁ। ଚୌଧୁରୀବଜାର ବିଜୁ ଭବନକୁ ଲାଗିଥିବା କଟକ ମହାନଗର ନିଗମ(ସିଏମ୍‌ସି)ର ନିଜସ୍ୱ କଲ୍ୟାଣ ମଣ୍ଡପ ଦୁଇବର୍ଷ ହେବ ବନ୍ଦ ରହିଛି। ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ବର୍ଷକୁ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛି। ତେଣୁ ଏହାକୁ ଅକ୍ଟୋବର ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ମଙ୍ଗଳବାର ସିଏମ୍‌ସି ବିଜୁ ଭବନରେ ଅନୁଷ୍ଠିତ ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସହରରେ ବେଆଇନ ଘରୋଇ କଲ୍ୟାଣ ମଣ୍ଡପକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହେବା ପରେ ସିଏମ୍‌ସି ଗାଇଡ୍ ଲାଇନ୍ ଜାରି କରିଛି। ସହରରେ ଥିବା ପ୍ରାୟ ୨୦୦ କଲ୍ୟାଣ ମଣ୍ଡପରୁ ୭୪ଟି ମଣ୍ଡପକୁ ସର୍ତ୍ତମୂଳକ ଲାଇସେନ୍ସ ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ଅନେକ କଲ୍ୟାଣ ମଣ୍ଡପ ଲାଇସେନ୍ସ ପାଇଁ ଆବେଦନ କରିଛନ୍ତି। ତେଣୁ ୪୦ ପ୍ରତିଶତ ପାର୍କିଂ ଥିବା ମଣ୍ଡପକୁ ବିଚାରକୁ ନିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି ହୋର୍ଡିଂ ପାଇଁ ଟେଣ୍ଡର କରାଯିବା ସହ ବକେୟା ଦେୟ ତୁରନ୍ତ ଆଦାୟ କରାଯିବାକୁ ସଦସ୍ୟମାନେ ଦାବି କରିଥିଲେ । ଏହି ବୈଠକରେ କମିଟି ଅଧ୍ୟକ୍ଷ ଏ. ଶ୍ରୀଦେବୀ ଅଧ୍ୟକ୍ଷତା କରିଥିବାବେଳେ କର୍ପୋରେଟର ଗଗନ ଓଝା, ପୁଷ୍ପିତା ମହାନ୍ତି, ବସନ୍ତ ବେହେରା, ରବି ନାରାୟଣ ସାହୁ, ପ୍ରଦୀପ ସାହୁ, ସ୍ୱର୍ଣ୍ଣପ୍ରଭା ପଶାୟତଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଯୋଗ ଦେଇଥିଲେ ।

# ମଧୁସୂଦନ ବଜାର କମିଟି ପକ୍ଷରୁ ବିକ୍ଷୋଭ

ସାଲେପୁର,୨୩।୮(ଡି.ଏନ୍.ଏ.)

ବିଭିନ୍ନ ସମସ୍ୟା ଓ ଦାବି ନେଇ ମଙ୍ଗଳବାର ମଧୁସୂଦନ ବଜାର କମିଟି ପାଗା ପକ୍ଷରୁ ବହୁଗ୍ରାମ ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବଜାର କମିଟିର ସଭାପତି ରଣଜିତ୍ ସିଂହ ଓ ସମ୍ପାଦକ ସୁନାକର ବରାଳଙ୍କ ନେତୃତ୍ୱରେ ଶତାଧିକ ବ୍ୟବସାୟୀ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଦ୍ୟୁତ୍ ବିଭାଗକୁ ଟିପିସିଓଡିଏଲ୍. ହାତକୁ ନେବାପରେ କମ୍ପାନୀର ଉପଭୋକ୍ତା ମାରଣନୀତି ଆରମ୍ଭ ହୋଇଛି। ବକେୟା ବିଲ୍ ଆଦାୟ କରିବା ଆଳରେ ମନଇଚ୍ଛା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଥିବାବେଳେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଚାଲିଛି। ପାଗାବଜାରରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍‌ରେ ପ୍ରିପେଡ୍ ମିଟର ବସାଇବା ବ୍ୟବସ୍ଥାକୁ ଉଚ୍ଛେଦ କରିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇଁ ବଜାର ଷ୍ଟ୍ରିଟ୍ ଲାଇଟ୍‌କୁ ଥ୍ରିଫେଜ୍ ଫାଇଭ୍ ୱେୟାର ଲାଇନ୍ ସହ ସଂଯୋଗ କରିବା, ବଜାରରେ ଦୋକାନ ଉପରେ ଯାଇଥିବା ୧୧କେ.ଭି. ବିଦ୍ୟୁତ୍ ତାରକୁ ସ୍ଥାନାନ୍ତର କରିବା ଆଦି ୮ଦଫା ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ଦାବିପତ୍ର ସାଲେପୁର ବିଦ୍ୟୁତ୍ ଡିଭିଜନ୍ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ୧୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଲିଖିତ ଭାବେ ଅବଗତ କରାଯାଇଥିଲା। ଏହି ଆନ୍ଦୋଳନରେ କମିଟିର ଉପଦେଷ୍ଟା ଉପେନ୍ଦ୍ର ବେହେରା, ମଧୁସୂଦନ ବାରିକ, ଚିତ୍ତରଞ୍ଜନ ସିଂହ, ଲକ୍ଷ୍ମୀଧର ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ଗଜେନ୍ଦ୍ର ଦଲାଲ, ସୁରେଶ କୁମାର ସ୍ୱାଇଁ, ଉମ୍ବରୁଧର ମହାରଣା, ଲୋକନାଥ ଦାସ, କାର୍ତ୍ତିକ ମହାରଣା, ସୁଶାନ୍ତ ପଡ଼ିହାରୀ ପ୍ରମୁଖ ସାମିଲ ହୋଇଥିଲେ ।

# ମଧୁବାବୁଙ୍କ ସମାଧିପୀଠ ସୌନ୍ଦର୍ଯ୍ୟକରଣ କରାଯାଉ



ଗୋରାକବରର ସୌନ୍ଦର୍ଯ୍ୟକରଣ ପାଇଁ ମେୟର ସୁବାସ ସିଂଙ୍କ ସହିତ ମଧୁ ସ୍ମୃତି ସୁରକ୍ଷା ମଞ୍ଚର ସଦସ୍ୟମାନେ ଆଲୋଚନା କରୁଛନ୍ତି।

କଟକ ଅଫିସ,୨୩।୮

**ମଧୁ ସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ସ୍ମାରକପତ୍ର**

ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହୋଇପାରୁନାହିଁ। କିଛିଦିନ ତଳେ ସିଏମ୍‌ସି କାଉନସିଲ୍ ବୈଠକରେ ମେୟର ସୁବାସ ସିଂ ଏହି ସମାଧିପୀଠର ଉନ୍ନତୀକରଣ ସହ ଏହାକୁ ମିନି ପାର୍କ ଭାବେ ଗଢ଼ି ତୋଳିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ଏହି ଯୋଜନାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇନାହିଁ। ମଧୁବାବୁଙ୍କ ସମାଧିପୀଠକୁ ଐତିହାସିକ ସ୍ମାରକୀ ଭାବେ ଗଢ଼ିବାରେ ଆସୁଥିବା ପ୍ରତିବନ୍ଧକକୁ ନେଇ ମଧୁ ସ୍ମୃତି ସୁରକ୍ଷା ମଞ୍ଚ ଅସନ୍ତୋଷ ପ୍ରକାଶ କରିଛି। ଏ ନେଇ ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ମେୟରଙ୍କ ସହ ମଙ୍ଗଳବାର ଆଲୋଚନା କରିଥିଲା। ଏହି ସମାଧିପୀଠକୁ ସ୍ମାରକୀ ପୀଠ ଭଳି ନିର୍ମାଣ କରିବା ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ଏ ନେଇ ମେୟର କହିଥିଲେ, ରାଜ୍ୟ ସରକାର ଏଥିପାଇଁ ଅର୍ଥ ମଞ୍ଜୁର କରିନାହାନ୍ତି। ସିଏମ୍‌ସି ତାର ନିଜସ୍ୱ ଫଣ୍ଡରେ ଏହି ସମାଧିର ଉନ୍ନତିକରଣ କରିବ। ଏହାର ଫାଇନାଲ୍ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେଲାପରେ କାର୍ଯ୍ୟ ଆରମ୍ଭ ହେବ। ଏକ ନିର୍ଦ୍ଦିଷ୍ଟ ପରିମିତ ଜମିରେ ତାରବାଡ଼ ଘେରାଯାଇ ସମାଧିପୀଠରେ ଉନ୍ନତୀକରଣ ପାଇଁ ଯୋଜନା ଚାଲୁଥିବାର ମେୟର ସ୍ପଷ୍ଟ କରିଥିଲେ। ହେଲେ ଏହାକୁ ମଧୁ ସ୍ମୃତି ମଞ୍ଚ ପକ୍ଷରୁ ବିରୋଧ କରାଯାଇଥିଲା। ତାରବାଡ଼ ଘେରା ଉନ୍ନତୀକରଣ ଉତ୍କଳ ଗୌରବଙ୍କ ସମାଧି ତଥା ତାଙ୍କ ଅସ୍ମିତା ପ୍ରତି ଅସମ୍ମାନର ବିଷୟ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଆସନ୍ତା ଫେବୃୟାରୀ ୪ ତାରିଖ ସୁଦ୍ଧା ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସାରି ଏହାକୁ 'ମଧୁ ସ୍ମାରକୀ ପୀଠ' ଭାବେ ନାମିତ କରିବାକୁ ଦାବି କରାଯାଇଛି। ଏ ନେଇ ମଞ୍ଚ ପକ୍ଷରୁ ମେୟରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ମଞ୍ଚ ପକ୍ଷରୁ ରାକେଶ ପାତ୍ର, ଜଗନ୍ନାଥ ମହାନ୍ତି, ସନ୍ତୋଷ ମହାରଣା, ସୟଦ ମହେବୁବ୍ ଅଲ୍ଲୀ, ଜ୍ଞାନ ରଞ୍ଜନ ବେହେରା, ସତ୍ୟଜିତ୍ ଗୋସ୍ୱାମୀ, ଡ. ନୀଳିମା ପ୍ରିୟଦର୍ଶିନୀ, ମନୋଜ ପଣ୍ଡା, ଆକାଶ ପଟ୍ଟନାୟକ, ସୁଧାଂଶୁ ଶେଖର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଟକଚଣ୍ଡୀ ମନ୍ଦିର ପରିଦର୍ଶନ କଲେ ମେୟର, କମିଶନର

କଟକ ଅଫିସ, ୨୩।୮

କଟକ ଚଣ୍ଡୀ ମନ୍ଦିରର ଉନ୍ନତୀକରଣ ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୭୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି। ଏହି କାର୍ଯ୍ୟ ୧ ବର୍ଷ ମଧ୍ୟରେ ଶେଷ କରିବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପଓନ କଲ୍ୟାଣ ମଙ୍ଗଳବାର କଟକ ଚଣ୍ଡୀ ମନ୍ଦିର ପରିଦର୍ଶନ କରିଥିଲେ। ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ । ପୁରୁଣା ଘରଗୁଡ଼ିକୁ ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ କରାଯିବ। ସେପ୍ଟେମ୍ବର ସୁଧା ସମସ୍ତ ପ୍ରକ୍ରିୟା ଶେଷ ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପାଇଁ ଆଲୋଚନା ହୋଇଥିଲା। ଏହି ପରିଦର୍ଶନ ସମୟରେ ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ଓବିସିସି ଅଧିକାରୀ ସୋରେନ କୁମାର ସାହୁ, ଦେବେନ୍ଦ୍ର ବେହେରା, ଚଣ୍ଡୀ ମନ୍ଦିରର ତଥା ଆଇନଜୀବୀ ମନୋଜ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମିଶନ ଶକ୍ତି ମହିଳାଙ୍କୁ ଆର୍ଥିକ ସହାୟତା

ଚୌଦ୍ୱାର, ୨୩।୮(ଡି.ଏନ୍.ଏ.)

ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ସରକାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା ପ୍ରଦାନ କରୁଛନ୍ତି। ମିଶନ ଶକ୍ତି ମହିଳା ଗୋଷ୍ଠୀର ସଦସ୍ୟାମାନଙ୍କୁ ମୋବାଇଲ, ଡ୍ରେସ୍ ଓ ଗସ୍ତ ଖର୍ଚ୍ଚ ବାବଦକୁ ଚେକ୍ ଆକାରରେ ଅର୍ଥ ପ୍ରଦାନ କରାଯାଉଛି। ମଙ୍ଗଳବାର ଚୌଦ୍ୱାର ଗାନ୍ଧୀ ଛକସ୍ଥିତ ପୌର ଟାଉନ୍‌ହଲ୍‌ରେ ଏ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ ୫ଟି ପଞ୍ଚାୟତର ୯୦ ଜଣ ମିଶନ ଶକ୍ତି ମହିଳାଙ୍କୁ ୭,୫୦୦ ଟଙ୍କା ଲେଖାଏ ଚେକ୍ ଆକାରରେ ପ୍ରଦାନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ସରପଞ୍ଚ ଶୈଳବାଳା ନାୟକ, ଦିଲୀପ କୁମାର ଭୋଇ, ସନ୍ଧ୍ୟାରାଣୀ ରାଉତ, ବନ୍ଦନା ପରିଡା, ଜନ୍ମେଜୟ ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ଗଙ୍ଗୋତ୍ରୀ ଦଳେଇ, ସରୋଜିନୀ ମହାନ୍ତି, ପଙ୍କଜ ବେହେରା, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ମନୋରଞ୍ଜନ ସ୍ୱାଇଁ, ଲକ୍ଷ୍ମଣ ରାଉତ, ଅର୍ଜୁନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରତିଶ୍ରୁତି ପରେ କଲମ ଛାଡ଼ ଆନ୍ଦୋଳନ ପ୍ରତ୍ୟାହୃତ

ନିଆଳି,୨୩।୮(ଡି.ଏନ୍.ଏ.)

ନିଆଳି ବ୍ଲକର କନିଷ୍ଠଯନ୍ତ୍ରୀ ରୋଜାଲିନ୍ ସେଠୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଗତ ୧୭ ତାରିଖରେ ରୋଜାଲିନ୍ ତାଙ୍କ ପ୍ରକୋଷ୍ଠରେ କାର୍ଯ୍ୟରତ ଥିବାବେଳେ ମଖିଖଣ୍ଡ ଗ୍ରାମର ଭାଜପା ସଂଖ୍ୟାଲଘୁ ସେଲ୍ ସମ୍ପାଦକ ସେକ୍ ହସନ ତାଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏପରିକି କାର୍ଯ୍ୟାଳୟର କାଗଜପତ୍ର ଚିରି ଦେଇଥିଲେ। ଏ ନେଇ ରୋଜାଲିନ୍ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩୬/୨୨) ରୁଜୁ କରିଥିଲା। ହେଲେ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବ୍ଲକର କର୍ମଚାରୀମାନେ ୨ ଦିନ ଧରି କଲମ ଛାଡ ଆନ୍ଦୋଳନ କରିଥିଲେ। ଏଥିଯୋଗୁ ବିଭିନ୍ନ କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ହଇରାଣ ହୋଇଥିଲେ। ଖବରପାଇ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

**କନିଷ୍ଠଯନ୍ତ୍ରୀଙ୍କୁ ଅସଦାଚରଣ କରାଯାଇନାହିଁ: ଭାଜପା**

ଏହାକୁ କେନ୍ଦ୍ରକରି ନିଆଳିସ୍ଥିତ ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା କହିଛନ୍ତି, ବନ୍ୟା ଯୋଗୁ ନିଆଳି ଅଞ୍ଚଳର ଅନେକ ଚାଷଜମି ଜଳମଗ୍ନ ହୋଇଛି। ଏବେ ବି ଶଗଡାଇଲୋ ପଞ୍ଚାୟତର ୧୫ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛି। ଏଭଳି ଅବସ୍ଥାରେ ବ୍ଲକ କର୍ମଚାରୀମାନେ ବନ୍ୟା ବିପନ୍ନଙ୍କ ସମସ୍ୟା ବୁଝିବା ପରିବର୍ତ୍ତେ କାର୍ଯ୍ୟାଳୟରେ ତାଲା ପକାଇ କଲମଛାଡ ଆନ୍ଦୋଳନ କରିବା ଦୁର୍ଭାଗ୍ୟଜନକ ବିଷୟ। ଅପରପକ୍ଷେ ସେକ୍ ହସନ ଦଳର କିଛି ସଦସ୍ୟଙ୍କ ସହିତ ଉକ୍ତ ଦିନ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ରୋଜାଲିନ୍‌ଙ୍କୁ ନୂଆଗାଁ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ପଚାରିଥିଲେ। ସେ କୌଣସି ଉତ୍ତର ଦେଇ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ହେଲେ ରୋଜାଲିନ୍‌ଙ୍କୁ ଜାତିଆଣ ଆକ୍ଷେପ ସହ ଅସଦାଚରଣ କରାଯାଇ ନ ଥିବା ପଣ୍ଡା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା ନେତା ତ୍ରିଲୋଚନ ବେହେରା, ଅମିୟ ସାହୁ, ପ୍ରଭାତ ଜେନା, ପତିତପାବନ ବେହେରା ପ୍ରମୁଖ ଉପସ୍ଥିତଥିଲେ।

# ମତ୍ସ୍ୟଜୀବୀଙ୍କ ବନ୍ୟା କ୍ଷୟକ୍ଷତି ଆକଳନ



ଅଧିକାରୀମାନେ ମତ୍ସ୍ୟଜୀବୀଙ୍କ ସହ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରୁଛନ୍ତି।

ବାଙ୍କୀ,୨୩।୮(ସ୍ୱ.ପ୍ର./ବି.ପ୍ର.)

ବନ୍ୟା ପରେ ଡମପଡ଼ା ମତ୍ସ୍ୟ ବିଭାଗ ପକ୍ଷରୁ କ୍ଷୟକ୍ଷତିର ପ୍ରାଥମିକ ଆକଳନ ପ୍ରକ୍ରିୟା ଆରମ୍ଭ ହୋଇଛି । କଟକ ଜିଲା ମତ୍ସ୍ୟ ଅଧିକାରୀ ଇତିଶ୍ରୀ ରଥ, ଡମପଡ଼ା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଦେବୀଦତ୍ତ ମହାନ୍ତି ପ୍ରମୁଖ ଡମପଡ଼ା ଗସ୍ତରେ ଆସି ଶିମିଳିପୁର ପଞ୍ଚାୟତର କରବର, ରତ୍ନେଶ୍ୱରୀ, ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି, ମକୁନ୍ଦପୁର ଗ୍ରାମର ମା'ମଙ୍ଗଳା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିରେ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। ଅଧିକାରୀମାନେ କରବରର ମତ୍ସ୍ୟଜୀବୀମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ଆକଳନ ପରେ ଯଥାଶୀଘ୍ର ସ୍ୱତନ୍ତ୍ର ରିଲିଫ କମିଶନଙ୍କ ଦ୍ୱାରା ଧାର୍ଯ୍ୟ କ୍ଷୟକ୍ଷତିର ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ଜିଲା ମତ୍ସ୍ୟ ଅଧିକାରୀ ରଥ ପ୍ରକାଶ କରିଛନ୍ତି।

# ଶୈଳବାଳା କଲେଜରେ ଖୋଲିବ ୪ ନୂଆ ପାଠ୍ୟକ୍ରମ

କଟକ ଅଫିସ,୨୩।୮

**ଚଳିତ ଶିକ୍ଷାବର୍ଷରୁ ପାଠପଢ଼ା**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ବିଭାଗରେ ୪ଟି ନୂତନ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ଖୋଲିବ। ସେଗୁଡ଼ିକ ହେଲା ଇନ୍‌ଫର୍ମେଶନ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ (ଆଇଟିଏମ୍), ମାଷ୍ଟର ଇନ୍ ସୋସିଆଲ ୱାର୍କ(ଏମ୍‌ଏସ୍‌ଡବ୍ଲ୍ୟୁ), ମାଷ୍ଟର ଅଫ୍ ଫାଇନାନ୍ସ ଆଣ୍ଡ୍ କଣ୍ଟ୍ରୋଲ(ଏମ୍‌ଏଫ୍‌ସି), ମାଷ୍ଟର ଇନ୍ ବିଜନେସ୍ ଆଡମିନିଷ୍ଟ୍ରେଶନ(ଏମ୍‌ବିଏ)। ୨୦୨୨-୨୩ ଶିକ୍ଷାବର୍ଷଠାରୁ ମହାବିଦ୍ୟାଳୟର ଛାତ୍ରୀମାନେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ଏନେଇ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଭୁବନେଶ୍ୱରସ୍ଥିତ ଜୟଦେବ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ ଆଣ୍ଡ୍ ରିସର୍ଚ୍ଚ ଅନୁଷ୍ଠାନ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ କରି ତୁରନ୍ତ ପାଠ୍ୟକ୍ରମ ଆରମ୍ଭ କରିବାକୁ କହିଛନ୍ତି। ଆଇଟିଏମ୍ ବିଭାଗରେ ୬୪ଟି ସିଟ୍ ରହିଥିବାବେଳେ ପ୍ରତ୍ୟେକ ଛାତ୍ରୀ ପାଇଁ ବାର୍ଷିକ ୫୦ ହଜାର ଟଙ୍କା କୋର୍ସ ଫି' ଧାର୍ଯ୍ୟ କରାଯାଇଛି। ସେହିପରି ଏମ୍‌ଏସ୍‌ଡବ୍ଲ୍ୟୁ ବିଭାଗରେ ୬୪ ସିଟ୍ ରହିଥିବାବେଳେ ବାର୍ଷିକ ୩୫ ହଜାର ଟଙ୍କା କୋର୍ସ ଫି, ଏମ୍‌ଏଫ୍‌ସି ପାଠ୍ୟକ୍ରମରେ ୯୬ ସିଟ୍ ଥିବା ବେଳେ ବାର୍ଷିକ ୨୫ ହଜାର ଟଙ୍କା, ଏମ୍‌ବିଏ ପାଠ୍ୟକ୍ରମରେ ୯୬ ସିଟ୍ ରହିଥିବାବେଳେ ବର୍ଷକୁ ୪୦ ହଜାର ଟଙ୍କା କୋର୍ସ ଫି ଧାର୍ଯ୍ୟ କରାଯାଇଛି। ଏହି ପାଠ୍ୟକ୍ରମଗୁଡ଼ିକରେ ପାଠପଢା ଆରମ୍ଭ କରିବାକୁ ଶୈଳାବାଳା ମହିଳା ମହାବିଦ୍ୟାଳୟ ପକ୍ଷରୁ କେବଳ ସ୍ଥାନ ଯୋଗାଇ ଦିଆଯିବ। ସେହିଭଳି ଯାହା ରାଜସ୍ୱ ଏହି ପାଠ୍ୟକ୍ରମରୁ ମିଳିବ ସେଥିରୁ ୭୦ ପ୍ରତିଶତ ରାଜସ୍ୱ ସମ୍ପୃକ୍ତ ଘରୋଇ ସଂସ୍ଥା ଏବଂ ୩୦ ପ୍ରତିଶତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନେବେ। ପାଠପଢା ପାଇଁ ଏକ ସିଲେକ୍ସନ କମିଟି ମାଧ୍ୟମରେ ଅଧ୍ୟାପକଙ୍କୁ ଚୟନ କରାଯିବ। ପାଠ୍ୟକ୍ରମ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଅନୁଦାନ ମିଳିବ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ନାଟ୍ୟକାର, ସଂଳାପକାର ରଣଜିତ୍ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।

# ତଦନ୍ତରେ ମନ୍ଥରତା, ଗ୍ରାମବାସୀ ଅସନ୍ତୁଷ୍ଟ

କଟକ ସଦର,୨୩।୮(ଡି.ଏନ୍.ଏ.)

**ଅବ୍ଦୁଲ୍ କାଦର ହତ୍ୟା ଘଟଣା**

କିଶନନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ଅବ୍ଦୁଲ୍ କାଦର(୪୬) ହତ୍ୟା ମାମଲାକୁ ନେଇ ସୋମବାର କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗୋଳ କିଶୋର ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି। ତଦନ୍ତରେ ମନ୍ଥରତାକୁ ନେଇ ଗ୍ରାମବାସୀ ଓ ମୃତକଙ୍କ ସ୍ତ୍ରୀ ୱାହିଦା ଖାତୁନ୍ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଉକ୍ତ ଘଟଣାର ତଦନ୍ତ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବଦଳାଇବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମାଞ୍ଚଳ ଏସ୍‌ପି କହିଛନ୍ତି, ଉକ୍ତ ହତ୍ୟା ଘଟଣାରେ କାହାର ସମ୍ପୃକ୍ତି ରହିଛି, ସେ ନେଇ ଏତଲାରେ ଉଲ୍ଲେଖ କରାଯାଇନାହିଁ। ତେଣୁ ଗିରଫ ଅଭିଯୁକ୍ତମାନଙ୍କ ମୋବାଇଲ କଲ୍ ଡିଟେଲ ରିପୋର୍ଟ(ସିଡିଆର୍) ପୋଲିସ ସଂଗ୍ରହ କରିବା ସହ ପ୍ରମାଣ ଯୋଗାଡ଼ରେ ଲାଗିପଡିଛି। ସ୍ଥାନୀୟ ଲୋକମାନେ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ସୂଚନା ଦେବା ସହ ସାକ୍ଷୀ, ପ୍ରମାଣ ଯୋଗାଡ଼ରେ ପୋଲିସକୁ ସହଯୋଗ କରନ୍ତୁ। ଆବଶ୍ୟକ ପଡିଲେ ତଦନ୍ତକାରୀ ଅଧିକାରୀଙ୍କୁ ବଦଳାଇବା ଦାବି ଉପରେ ଚିନ୍ତା କରିବି। ଏବେ ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ପଟ୍ଟନାୟକ, ସାଲେପୁର ଏସ୍‌ଡିପିଓ ବିମଳ ବାରିକ ତଦନ୍ତ ଉପରେ ଦୃଷ୍ଟି ରଖିଛନ୍ତି ବୋଲି ଏସ୍‌ପି କହିଥିଲେ। ଏହି ଆଲୋଚନାରେ ରାଜକିଶୋର ମଲ୍ଲିକ, ଜିଲା ପରିଷଦ ସଭ୍ୟା ସୁଭଦ୍ରା ଦାସ, ସରପଞ୍ଚ ଅବ୍ଦୁଲ୍ ୱାହିଦ୍ ଖାଁ, ସମିତି ସଭ୍ୟ ଲିୟାକତ ଅଲ୍ଲୀ ଖାଁ, ପୂର୍ବତନ ସରପଞ୍ଚ ସୋମନାଥ ସାହୁ ଓ ମୃତକଙ୍କ ଆତ୍ମୀୟ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ଗତ ୧୦ ତାରିଖ ରାତିରେ ଅବ୍ଦୁଲ୍‌ଙ୍କ ଗଳା କାଟି ହତ୍ୟା କରାଯାଇଥିଲା। ପରେ ମୃତଦେହକୁ ସ୍ଥାନୀୟ ନମାଜ ପଡିଆ ନିକଟ ପାଚେରି ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିଲା। ୧୧ ତାରିଖ ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ୱାହିଦା ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୪୩/୨୨) ରୁଜୁ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା।

